ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିୟମ ଓ ସର୍ତ୍ତାବଳୀ

ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ

"ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିୟମ ଓ ସର୍ତ୍ତାବଳୀ" (ଏମଆଇଟିସି) ଆଇଡିବିଆଇ ବ୍ୟାଙ୍କର ସମସ୍ତ କ୍ରେଡିଟ୍ କାର୍ଡ/ କାର୍ଡ ସଦସ୍ୟ/ କ୍ରେଡିଟ୍ କାର୍ଡ ଆବେଦନକାରୀ/ବ୍ୟାଙ୍କର ଗ୍ରାହକ/ବ୍ୟାଙ୍କର କ୍ରେଡିଟ୍ କାର୍ଡ ପ୍ରଡକ୍ଟ ପାଇଁ ଆଗ୍ରହୀ ଥିବା ସାଧାରଣ ଲୋକଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଏମଆଇଟିସି ବ୍ୟାଙ୍କର ବିଚାରାଧୀନ ଏବଂ ସମୟ ସମୟରେ ପ୍ରଯୁଜ୍ୟ କାନୁନ ଅନୁଯାୟୀ ପରିବର୍ତ୍ତନଶୀଳ ଅଟେ। ଏହାକୁ କାର୍ଡଧାରକ ଚୁକ୍ତି (କାର୍ଡ଼ହୋଲ୍ଡର ଏଗ୍ରିମେଂଟ)ରେ ଥିବା ନିୟମ ଓ ସର୍ତ୍ତାବଳୀ ସହ ଅତିରିକ୍ତ ଭାବେ ପଢ଼ିବାକୁ ହେବ। ଏମଆଇସିଟି ଓ କାର୍ଡଧାରୀଙ୍କ ଚୁକ୍ତି ମଧ୍ୟରେ କୌଣସି ଅସଙ୍ଗତି ଥିଲେ, ଏଠାରେ ଉଲ୍ଲେଖ ନଥିଲେ, କାର୍ଡଧାରକ ଚୁକ୍ତିର ନିୟମଗୁଡ଼ିକୁ ଗୁରୁତ୍ୱ ଦିଆଯିବ।

ଏଠାରେ ବ୍ୟବହୃତ କିନ୍ତୁ ସଂଜ୍ଞା ଦିଆଯାଇନଥିବା ସମସ୍ତ ଶବ୍ଦର ଅର୍ଥ କାର୍ଡଧାରକ ଚୁକ୍ତିରେ ଦିଆଯାଇଥିବା ଅର୍ଥ ଅନୁଯାୟୀ ହେବ।

୧. ଶୁଳ୍କ ଓ ଚାର୍ଜର ତାଲିକା

କ) ଯୋଗଦାନ ଶୁଳ୍କ ଓ ବାର୍ଷିକ ସଦସ୍ୟତା ଶୁଳ୍କ

ଯୋଗଦାନ ଶୁଳ୍କ ଓ ବାର୍ଷିକ ସଦସ୍ୟତା ଶୁଳ୍କ ପ୍ରାଥମିକ ଏବଂ ଆଡ୍-ଅନ୍ କ୍ରେଡିଟ୍ କାର୍ଡ(ଗୁଡ଼ିକ) ପାଇଁ ପ୍ରଯୁଜ୍ୟ ଅଟେ। କାର୍ଡଧାରକ ଯେଉଁ ପ୍ରସ୍ତାବ ଅନୁସାରେ ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଗ୍ରହଣ କରିଛନ୍ତି, ସେହି ପ୍ରସ୍ତାବ ଅନୁଯାୟୀ ଏହି ଶୁଳ୍କର ପରିମାଣ ପରିବର୍ତ୍ତନ ହୋଇପାରେ। ପ୍ରଯୁଜ୍ୟ ହେଉଥିବା ଆଡ୍-ଅନ୍ କାର୍ଡଧାରକ(ମାନଙ୍କ) ପାଇଁ ଲାଗୁଥିବା ଶୁଳ୍କ ସହିତ, ଏହି ଶୁଳ୍କଗୁଡ଼ିକ କାର୍ଡ ଜାରି / ନବୀକରଣ ସମୟରେ କାର୍ଡଧାରକଙ୍କ କ୍ରେଡିଟ୍ କାର୍ଡ ଖାତାରେ ଆଦାୟ କରାଯାଇଥାଏ ଏବଂ ଯେଉଁ ମାସରେ ଏହା ଆଦାୟ ହୁଏ, ସେହି ମାସର ମାସିକ କ୍ରେଡିଟ୍ କାର୍ଡ ବିବରଣୀରେ ପ୍ରଦର୍ଶିତ ହେବ। କ୍ରେଡିଟ୍ କାର୍ଡ ବନ୍ଦ କରାଯାଇଥିଲେ କୌଣସି ଶୁଳ୍କ ଫେରସ୍ତ ମିଳିବ ନାହିଁ। ବର୍ତ୍ତମାନ ଲାଗୁଥିବା ଶୁଳ୍କଗୁଡ଼ିକ ସଂଲଗ୍ନ "ଶୁଳ୍କ ଓ ଚାର୍ଜର ତାଲିକା"ରେ ଉଲ୍ଲେଖ ଅଛି।

ଖ) ନଗଦ ଅଗ୍ରିମ ଶୁଳ୍କ(କ୍ୟାଶ ଆଡ୍‌ଭାନ୍ସ ଫିସ୍)

କାର୍ଡଧାରକ ଆଇଡିବିଆଇ ବ୍ୟାଙ୍କ କିମ୍ବା ଭାରତ ଓ ବିଦେଶରେ ଅନ୍ୟାନ୍ୟ ଏଟିଏମ ମାଧ୍ୟମରେ ୨୪ ଘଂଟା ନଗଦ ଉଠାଣ ସୁବିଧା ପାଇପାରିବେ। ନଗଦ ଅଗ୍ରିମ ପୋଷ୍ଟ କରିବା ସମୟରେ ଏହିପରି ସମସ୍ତ ଟ୍ରାଞ୍ଜାକ୍ସନ ଉପରେ ଟ୍ରାଞ୍ଜାକ୍ସନ ରାଶିର ୨.୫% କିମ୍ବା ୫୦୦ ଟଙ୍କା (ଯେଉଁଟି ଅଧିକ) ହିସାବରେ ଟ୍ରାଞ୍ଜାକ୍ସନ୍ ଶୁଳ୍କ ଲାଗୁ ହେବ ଏବଂ ପରବର୍ତ୍ତୀ ମାସିକ ବିବରଣୀରେ କାର୍ଡଧାରକଙ୍କୁ ବିଲ୍ କରାଯିବ। ଏହି ଟ୍ରାଞ୍ଜାକ୍ସନ୍ ଶୁଳ୍କ ଆଇଡିବିଆଇ ବ୍ୟାଙ୍କର ସ୍ୱଇଚ୍ଛାଧୀନ ବିବେଚନା ଅନୁସାରେ ପରିବର୍ତ୍ତନଶୀଳ ଅଟେ। ନଗଦ ଅଗ୍ରିମ କାରବାର ଉପରେ ପ୍ରଚଳିତ ହାର ଅନୁଯାୟୀ ଆର୍ôଥକ ଶୁଳ୍କ (ଽସଭବଭମର ଉଷବକ୍ସଶର) ମଧ୍ୟ ଲାଗୁ ହେବ, ଯାହାକୁ ଉଠାଣ ତାରିଖରୁ ଦୈନିକ ବଳକା ରାଶି ଉପରେ ଗଣନା କରାଯିବ। ବିଲିଂ ସାଇକଲ୍‌ର ଶେଷ ଦିନରେ ଏହି ଆର୍ôଥକ ଶୁଳ୍କକୁ କ୍ରେଡିଟ୍ କାର୍ଡ ଖାତାରେ ଡେବିଟ୍ କରାଯିବ।

ଗ) ଶୁଳ୍କ (ଚାର୍ଜ)

(୧) ସମୟ ସମୟରେ ଲାଗୁ ହେଉଥିବା ଶୁଳ୍କ ଓ ଫିସ୍‌ଗୁଡ଼ିକ, ଆଇଡିବିଆଇ ବ୍ୟାଙ୍କ ଦ୍ୱାରା କାର୍ଡ ସଦସ୍ୟଙ୍କୁ ପ୍ରଦାନ କରାଯାଇଥିବା ନିର୍ଦ୍ଧିଷ୍ଟ ସେବା ପାଇଁ କିମ୍ବା କାର୍ଡ ସଦସ୍ୟଙ୍କ ଦ୍ୱାରା ତାଙ୍କ କାର୍ଡ ଆକାଉଂଟ ସମ୍ବନ୍ଧିତ ତ୍ରୁଟି ପାଇଁ ସମୟ ସମୟରେ ପ୍ରଯୁଜ୍ୟ ଶୁଳ୍କ ଓ ଚାର୍ଜକୁ କାର୍ଡ ସଦସ୍ୟ ପଇଠ କରିବେ।

(୨) ଆଇଡିବିଆଇ ବ୍ୟାଙ୍କ ସମୟ ସମୟରେ ଯେକୌଣସି ଶୁଳ୍କ କିମ୍ବା ଫିସ୍‌ରେ ପରିବର୍ତନ କରିବା କିମ୍ବା ନୂତନ ଶୁଳ୍କ/ଫିସ୍ ପ୍ରଚଳନ କରିବାର ଅଧିକାର ରଖେ, ଏବଂ ଏହା ସମ୍ପର୍କରେ ଗ୍ରାହକଙ୍କୁ ଯଥୋଚିତ ସୂଚନା ଦିଆଯିବ।

(୩) ପ୍ରଚଳିତ ଅପ୍ରତ୍ୟକ୍ଷ କର (ଇନ୍‌ଡାଇରେକ୍ଟ ଟ୍ୟାକ୍ସ) ନୀତି ଅନୁଯାୟୀ, ଆମ ସମସ୍ତ ଶୁଳ୍କ ଓ ଫିସ୍ ଏବଂ ଅନ୍ୟାନ୍ୟ ଟିକସଯୋଗ୍ୟ ରାଶି ଉପରେ ଲାଗୁ ହେଉଥିବା ଅପ୍ରତ୍ୟକ୍ଷ ଟିକସ, ସହିତ ଦ୍ରବ୍ୟ ଓ ସେବା କର (ଜିଏସଟି) ଆଦାୟ କରାଯିବ।

(୪) ନିର୍ଦ୍ଦିଷ୍ଟ ଦେୟ ତାରିଖ ପୂର୍ବରୁ ସର୍ବନିମ୍ନ ଦେୟ ରାଶି ପଇଠ ନକରାଗଲେ ବିଳମ୍ବ ଶୁଳ୍କ (ଲେଟ୍ ପେମେଂଟ ଚାର୍ଜ)) ଲାଗୁ ହେବ।

(୫) ମୋଟ ବକେୟା ରାଶି ନିର୍ଦ୍ଧାରିତ କ୍ରେଡିଟ୍ ସୀମାକୁ ଅତିକ୍ରମ କଲେ ଓଭର-ଲିମିଟ୍ ଶୁଳ୍କ ଲାଗୁ ହେବ।

(୬) ସମସ୍ତ ବିଦେଶୀ ମୁଦ୍ରା କାରବାର ସମ୍ପର୍କିତ ବିନିମୟ ହାର ଭିସା/ମାଷ୍ଟରକାର୍ଡ/ରୁପେ ଓ ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ ଏବଂ ଏହା କାର୍ଡଧାରକଙ୍କ ପାଇଁ ବାଧ୍ୟତାମୂଳକ ହେବ। ସମସ୍ତ ଆନ୍ତର୍ଜାତୀୟ ଟ୍ରାଞ୍ଜାକ୍ସନ ପାଇଁ କ୍ରସ୍-କରେନ୍ସି କନଭର୍ସନ୍ ରେଟ ଉପରେ ଅତିରିକ୍ତ ୩.୫% ମାର୍କ-ଅପ୍ ଶୁଳ୍କ ଲାଗୁ ହେବ।

୭) ସୁଧ ମୁକ୍ତ ଅବଧି (ଇଂଟ୍‌ରେଷ୍ଟ ଫ୍ରି ପିରିୟଡ)

ସୁଧ ମୁକ୍ତ ଋଣ ଅବଧି ୧୮ ରୁ ୪୮ ଦିନ ପର୍ଯ୍ୟନ୍ତ ହୋଇପାରେ, ଯାହା ନିର୍ଦ୍ଦିଷ୍ଟ କ୍ରେଡିଟ୍ କାର୍ଡରେ ଲାଗୁ ହେଉଥିବା ଯୋଜନା (ଦୟାକରି ଶୁଳ୍କ ଓ ଚାର୍ଜ ତାଲିକାକୁ ଦେଖନ୍ତୁ) ଏବଂ ବ୍ୟବସାୟୀଙ୍କ ଦ୍ୱାରା ଦାଖଲ କରାଯାଉଥିବା ଦାବି ଉପରେ ନିର୍ଭର କରିଥାଏ। ତେବେ ପୂର୍ବ ମାସର ସମ୍ପୂର୍ଣ୍ଣ ବକେୟା ରାଶି ପଇଠ ହୋଇନଥିଲେ କିମ୍ବା କାର୍ଡ ସଦସ୍ୟ ଏଟିଏମ ମାଧ୍ୟମରେ ନଗଦ ଉଠାଣ କରିଥିଲେ, ସୁଧ ମୁକ୍ତ ଅବଧି ଲାଗୁ ହେବ ନାହିଁ।

ଉଦାହରଣ ସ୍ୱରୁପ:୨୧ ଜୁନ୍ ଠାରୁ ୨୦ ଜୁଲାଇ ପର୍ଯ୍ୟନ୍ତ ଥିବା ଏକ ବିବରଣୀ (ଷ୍ଟେଟମେଂଟ) ପାଇଁ ଦେୟ ତାରିଖ ୦୭ ଅଗଷ୍ଟ ହେବ। ମନେ କର ଯେ, ପୂର୍ବ ମାସର ବିବରଣୀର ସମ୍ପୂର୍ଣ୍ଣ ଦେୟ ରାଶି ଆପଣ ଦେୟ ତାରିଖ ପୂର୍ବରୁ ଦେଇ ସାରିଛନ୍ତି, ତେବେ ସୁଧ ମୁକ୍ତ ଅବଧି ନିମ୍ନପ୍ରକାର ହେବ:

୧. ୨୧ ଜୁନ୍ ତାରିଖରେ କ୍ରୟ କରିଥିଲେ, ସୁଧ ମୁକ୍ତ ଅବଧି ୨୧ ଜୁନ୍ ଠାରୁ ୦୭ ଅଗଷ୍ଟ ପର୍ଯ୍ୟନ୍ତ, ଅର୍ଥାତ୍ ୪୮ ଦିନ ରହିବ।

୨. ୧୪ ଜୁଲାଇ ତାରିଖରେ କ୍ରୟ କରିଥିଲେ, ସୁଧ ମୁକ୍ତ ଅବଧି ୧୪ ଜୁଲାଇ ଠାରୁ ୦୭ ଅଗଷ୍ଟ ପର୍ଯ୍ୟନ୍ତ, ଅର୍ଥାତ୍ ୨୫ ଦିନ ରହିବ।

ଏହିପରି ସୁଧ ମୁକ୍ତ ଅବଧି କ୍ରୟ ତାରିଖ ଅନୁଯାୟୀ ପରିବର୍ତନଶୀଳ ହୋଇପାରେ। କିନ୍ତୁ ପୂର୍ବ ମାସର ସମ୍ପୂର୍ଣ୍ଣ ଦେୟ ରାଶି ଦେୟ ତାରିଖ ପୂର୍ବରୁ ପଇଠ ନହେଲେ, ସୁଧ ମୁକ୍ତ ଋଣ ଅବଧି ବିଲୋପ ହେବ ଏବଂ କୌଣସି ସୁଧ ମୁକ୍ତ ଅବଧି ମିଳିବ ନାହିଁ। ନଗଦ ଅଗ୍ରିମ ପାଇଁ, ଟ୍ରାଞ୍ଜାକ୍ସନ ତାରିଖ ଠାରୁ ଦେୟ ତାରିଖ ପର୍ଯ୍ୟନ୍ତ ସୁଧ ଲାଗୁ ହେବ।

ଟିପ୍ପଣୀ: ଦୟାକରି ଶୁଳ୍କ ଓ ଚାର୍ଜର ତାଲିକା ପାଇଁ ସଂଲଗ୍ନ ପରିଶିଷ୍ଟ (ଇଭଭରଙ୍କଙ୍କକ୍ସର) କୁ ଦେଖନ୍ତୁ।

୨. ଆର୍ôଥକ/ସୁଧ/ସେବା ଶୁଳ୍କ (ଫାଇନାନ୍ସ/ଇଂଟ୍‌ରେଷ୍ଟ/ସର୍ଭିସ ଚାର୍ଜେସ)

(୧) କାର୍ଡ ସଦସ୍ୟ ତାଙ୍କର ସମ୍ପୂର୍ଣ୍ଣ ବକେୟା ରାଶି ପଇଠ ନକରିଥିଲେ ଏବଂ କାର୍ଡ ସଦସ୍ୟଙ୍କ ଦ୍ୱାରା ନିଆଯାଇଥିବା ସମସ୍ତ ନଗଦ ଅଗ୍ରୀମ ଉପରେ, ସେଗୁଡିକ ଫେରସ୍ତ ନହେବା ପର୍ଯ୍ୟନ୍ତ , ସମସ୍ତ ଟ୍ରାଞ୍ଜାକ୍ସନ ଉପରେ ଟ୍ରାଞ୍ଜାକ୍ସନ ତାରିଖଠାରୁ ମାସିକ ପ୍ରତିଶତ ହାରରେ ଆର୍ôଥକ ଶୁଳ୍କ (ଫାଇନାନ୍ସ ଚାର୍ଜେସ) ଲାଗୁ ହେବ। ବକେୟା ରାଡି ସମ୍ପୂର୍ଣ୍ଣ ଭାବେ ପଇଠ ହେବା ପର୍ଯ୍ୟନ୍ତ ଏହି ଆର୍ଥିକ ଶୁଳ୍କ କାର୍ଡ ସଦସ୍ୟଙ୍କ ଖାତାରୁ ଡେବିଟ୍ କରାଯିବ।

(୨) ସମ୍ପୂର୍ଣ୍ଣ ରାଶି ପଇଠ ନହେବାପର୍ଯ୍ୟନ୍ତ, ନଗଦ ଅଗ୍ରିମ ଉପରେ ଆର୍ଥିକ ଶୁଳ୍କ ଟ୍ରାଞ୍ଜାକ୍ସନ ତାରିଖଠାରୁ ଲାଗୁ ହେବ।

(୩) ଗ୍ରାହକ କୌଣସି ବକେୟା ରାଶି ଆଗକୁ ବଢାଇଲେ କିମ୍ବା ନଗଦ ଅଗ୍ରିମ ଗ୍ରହଣ କଲେ, ପ୍ରତିଦିନର ବାଲାନ୍ସ ଉପରେ ହିସାବ କରାଯାଇଥିବା ଆର୍ଥିକ ଶୁଳ୍କ, ପୂର୍ବରୁ ଆଗକୁ ବଢାଯାଇଥିବା ବକେୟା ରାଶି ଓ ନୂତନ ବିଲିଂ ଉପରେ ଲାଗୁ ହେବ।

(୪) ଯଦି ଜଣେ କାର୍ଡଧାରକ ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡର ରିଭଲ୍ଭିଂ କ୍ରେଡିଟ୍ ସୁବିଧା ହାସଲ କରି ମାସିକ ବିଲିଂ ବିବରଣୀରେ ଦର୍ଶାଯାଇଥିବା ସମ୍ପୂର୍ଣ୍ଣ ଦେୟ ରାଶିଠାରୁ କମ୍ ରାଶି ପଇଠ କରନ୍ତି, ତେବେ ସମଗ୍ର ବକେୟା ରାଶି ଉପରେ ଆର୍ଥିକ ଶୁଳ୍କ ଲାଗୁ ହେବ ଏବଂ ପୂର୍ବ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପଇଠ ନ ହେବା ପର୍ଯ୍ୟନ୍ତ ସମସ୍ତ ନୂତନ ଟ୍ରାଞ୍ଜାକ୍ସନ ଉପରେ ମଧ୍ୟ ଆର୍ଥିକ ଶୁଳ୍କ ଲାଗୁ କରାଯିବ।

(୫) ନିର୍ଦ୍ଦିଷ୍ଟ ଦେୟ ତାରିଖ ପୂର୍ବରୁ ସର୍ବନିମ୍ନ ଦେୟ ରାଶି (ମିନିମମ ଆମାଉଂଟ ଡ୍ୟୁ) ପଇଠ ନହେଲେ ବିଳମ୍ବ ଶୁଳ୍କ (ଲେଟ ପେମେଂଟ ଚାର୍ଜେସ) ଲାଗୁ ହେବ। "ମିନିମମ ଆମାଉଂଟ ଡ୍ୟୁ" ହେଉଛି ବିବରଣୀରେ ଉଲ୍ଲେଖ ହୋଇଥିବା ରାଶି। ବିଳମ୍ବ ଶୁଳ୍କ ରୋକିବା ପାଇଁ, ନିର୍ଦ୍ଦିଷ୍ଟ ଦେୟ ତାରିଖ ପୂର୍ବରୁ କିମ୍ବା ସେହି ଦିନ ଆଇଡିବିଆଇ ବ୍ୟାଙ୍କ କାର୍ଡ ଖାତାରେ ସ୍ୱଷ୍ଟ ଅର୍ଥରାଶି (କ୍ଲିୟର ଫଣ୍ଡସ) ଜମା ହେବା ଆବଶ୍ୟକ।

ବିଳମ୍ବ ପରିଶୋଧ ଶୁଳ୍କ ≤ = ₹୫୦୦ – ଶୂନ୍ୟ

(ପ୍ରତ୍ୟେକ ଅବସର ପାଇଁ, ବକେୟା ରାଶି ଉପରେ ଆଧାରିତ): > ₹୫୦୦ ଠାରୁ ≤ ₹୫,୦୦୦ – ₹୪୦୦

₹୫,୦୦୦ ଠାରୁ ≤ ₹୧୦,୦୦୦ – ₹୫୦୦

₹୧୦,୦୦୦ ଠାରୁ ≤ ₹୨୦,୦୦୦ – ₹୭୫୦

₹୨୦,୦୦୦ – ₹୯୫୦

(୬) ମୋଟ ବକେୟା ରାଶି, ଋଣ ସୀମା ଅତିକ୍ରମ କଲେ, ଓଭର ଲିମିଟ ଶୁଳ୍କ , ଓଭର ଲିମିଟ ରାଶିର ୨.୫% ହାରରେ ଲାଗୁ ହେବ, ଯାହାର ସର୍ବନିମ୍ନ ରାଶି ୫୦୦ ଟଙ୍କା ହେବ।

ନିମ୍ନଲିଖିତ ଉଦାହରଣରେ ବିଭିନ୍ନ ଶୁଳ୍କ ଗଣନା ପ୍ରଣାଳୀ ବ୍ୟାଖ୍ୟା କରାଯାଇଛି –

ଉଦାହରଣ ୧: ଖୁଚୁରା କ୍ରୟ ଉପରେ ସୁଧ/ସେବା ଶୁଳ୍କ (ଦେୟର ଆଂଶିକ ପେମେଂଟ)

ମନେ କରନ୍ତୁ ଯେ, ଆପଣ ପୂର୍ବ ସମସ୍ତ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପଇଠ କରିଛନ୍ତି ଏବଂ ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ କୌଣସି ବକେୟା ନାହିଁ। ଆପଣଙ୍କ ବିବରଣୀ (ଷ୍ଟେଟମେଂଟ) ତାରିଖ ହେଉଛି ପ୍ରତି ମାସ ୨୦ ତାରିଖ। ନିମ୍ନରେ ଆପଣଙ୍କ କାର୍ଡ ଆକାଉଂଟର ଟ୍ରାଞ୍ଜାକ୍ସନ ବିବରଣୀ ଦିଆଯାଇଛି:

ତାରିଖ	ବିବରଣୀ	ରାଶି
୧୦ ଏପ୍ରିଲ	ଘରୋଇ ସାମଗ୍ରୀ କ୍ରୟ	୧୫,୦୦୦ ଟଙ୍କା

୧୫ ଏପ୍ରିଲ ପୋଷାକ ଓ ଆକସେସରୀ କ୍ରୟ ୫,୦୦୦ ଟଙ୍କା

୨୦ ଏପ୍ରିଲ ବିବରଣୀ ତାରିଖ ସମୁଦାୟ ଦେୟ = ୨୦,୦୦୦ ଟଙ୍କା; ସର୍ବନିମ୍ନ ଦେୟ = ୧,୦୦୦ ଟଙ୍କା

୦୮ ମେ ଦେୟ ତାରିଖ ସମୁଦାୟ ଦେୟ = ୨୦,୦୦୦ ଟଙ୍କା; ସର୍ବନିମ୍ନ ଦେୟ = ୧,୦୦୦ ଟଙ୍କା

୧୨ ମେ କାର୍ଡ ଖାତାରେ ହୋଇଥିବା ପେମେଂଟ (ଏଠାରେ ବିଳମ୍ବ ଶୁଳ୍କ ଲାଗୁ ହେବ) ୨,୦୦୦ ଟଙ୍କା (କ୍ରେଡିଟ୍)

୧୪ ମେ ଗ୍ରୋସରୀ କ୍ରୟ ୧,୦୦୦ ଟଙ୍କା

୧୫ ମେ କାର୍ଡ ଖାତାରେ ହୋଇଥିବା ପେମେଂଟ ୧୫,୦୦୦ ଟଙ୍କା (କ୍ରେଡିଟ୍)

ତେଣୁ ମେ' ୨୦ ତାରିଖର ବିବରଣୀରେ ନିମ୍ନଲିଖିତ ରାଶି ଦେଖାଯିବ: ନିମ୍ନଲିଖିତଗୁଡିକ ଆପଣଙ୍କ ଦ୍ୱାରା ପଇଠ ହେବାକୁ ଥିବା ମୋଟ ରାଶିର ଉପାଦାନ ଭାବେ ପ୍ରତିଫଳିତ ହେବ:

ଗଣନା କରାଯାଇଥିବା ସୁଧ: (ବକେୟା ରାଶି ଙ ୨.୯୦% ପ୍ରତି ମାସ ଙ ୧୨ ମାସ ଙ ଦିନ ସଂଖ୍ୟା) / ୩୬୫, ତେଣୁ

(କ) ୧୦ ଏପ୍ରିଲ ଠାରୁ ୧୧ ମେ (୩୨ ଦିନ) ପର୍ଯ୍ୟନ୍ତ ୧୫୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ =

୪୫୭.୬୪ ଟଙ୍କା

୧୨ ମେ ଠାରୁ ୧୪ ମେ (୩ ଦିନ) ପର୍ଯ୍ୟନ୍ତ ୧୩୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ = ୩୭.୧୮ ଟଙ୍କା

୧୫ ଏପ୍ରିଲ ଠାରୁ ୧୪ ମେ (୩୦ ଦିନ) ପର୍ଯ୍ୟନ୍ତ ୫୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ = ୧୪୩.୦୧ ଟଙ୍କା

୧୫ ମେ ଠାରୁ ୨୦ ମେ (୫ ଦିନ) ପର୍ଯ୍ୟନ୍ତ ୩୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ = ୧୪.୩୦ ଟଙ୍କା

୧୪ ମେ ଠାରୁ ୨୦ ମେ (୬ ଦିନ) ପର୍ଯ୍ୟନ୍ତ ୧୦୦୦ ଟଙ୍କାର ନୂତନ କ୍ରୟ ଉପରେ ୨.୯୦% ହାରରେ ମାସିକ ସୁଧ = ୫.୭୨ ଟଙ୍କା,
େତେଣୁ ମୋଟ ସୁଧ ହେଉଛି ୬୫୭.୮୫ ଟଙ୍କା।

(ଖ) ବିଳମ୍ବ ପରିଶୋଧ ଶୁଳ୍କ = ୭୫୦ ଟଙ୍କା

(ଗ) ସୁଧ ଓ ଅନ୍ୟାନ୍ୟ ଶୁଳ୍କ ଉପରେ ଜିଏସଟି ୧୮% = ୨୫୩.୪୧ ଟଙ୍କା

(ଘ) ମୋଟ ମୂଳ ବକେୟା ରାଶି = ୪୦୦୦ ଟଙ୍କା (୧୦୦ ଟଙ୍କାର ନୂତନ ବ୍ୟୟ + ପୂର୍ବ ମାସର ବିଲିଂ ଅବଧିରୁ ୩୦୦୦ ଟଙ୍କାର ବଳକା ବକେୟା ରାଶି)

(ଙ) ତେଣୁ ସମୁଦାୟ ଦେୟ ରାଶି = (କ) + (ଖ) + (ଗ) + (ଘ) = ୬୫୭.୮୫ ଟଙ୍କା + ୭୫୦ ଟଙ୍କା + ୨୫୩.୪୧ ଟଙ୍କା + ୪,୦୦୦ ଟଙ୍କା= ୫,୬୬୧.୨୬ ଟଙ୍କା

ଉଦାହରଣ ୨: ଖୁଚୁରା କ୍ରୟ ଉପରେ ସୁଧ/ସେବା ଶୁଳ୍କ (ଦେୟ ତାରିଖ ପରେ ସମ୍ପୂର୍ଣ୍ଣ ଦେୟ ପ୍ରଦାନ)

ମନେ କରନ୍ତୁ ଆପଣ ପୂର୍ବ ସମସ୍ତ ବକେୟା ସମ୍ପୂର୍ଣ୍ଣ ଭାବେ ପଇଠ କରିଛନ୍ତି ଏବଂ ଆପଣଙ୍କ ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ କୌଣସି ବକେୟା ନାହିଁ। ଆପଣଙ୍କ ବିବରଣୀ (ଷ୍ଟେଟମେଂଟ) ତାରିଖ ପ୍ରତିମାସ ୨୦ ତାରିଖ। ନିମ୍ନରେ ଆପଣ କରିଥିବା ଟ୍ରାଞ୍ଜାକ୍ସନର ତାଲିକା ଦିଆଯାଇଛି:

ତାରିଖ	ବିବରଣୀ	ରାଶି
୧୦ ଏପ୍ରିଲ	ଘରୋଇ ସାମଗ୍ରୀ କ୍ରୟ	୧୫,୦୦୦ ଟଙ୍କା
୧୫ ଏପ୍ରିଲ	ପୋଷାକ ଓ ଆକ୍ସେସରୀ କ୍ରୟ	୫,୦୦୦ ଟଙ୍କା
୨୦ ଏପ୍ରିଲ	ବିବରଣୀ ତାରିଖ	ସମୁଦାୟ ଦେୟ ୨୦,୦୦୦ ଟଙ୍କା; ନ୍ୟୁନତମ ଦେୟ ୧,୦୦୦ ଟଙ୍କା
୦୮ ମେ	ଦେୟ ତାରିଖ	ସମୁଦାୟ ଦେୟ ୨୦,୦୦୦ ଟଙ୍କା; ନ୍ୟୁନତମ ଦେୟ ୧,୦୦୦ ଟଙ୍କା
ଗବଛ ୧୪	ଗ୍ରୋସରୀ କ୍ରୟ	୧,୦୦୦ ଟଙ୍କା
ଗବଛ ୧୫	କାର୍ଡ ଆକାଉଂଟରେ ହୋଇଥିବା ପେମେଂଟ	୨୦,୦୦୦ ଟଙ୍କା (କ୍ରେଡିଟ୍)

ତେଣୁ ମେ' ୨୦ ତାରିଖର ବିବରଣୀରେ ନିମ୍ନଲିଖିତ ରାଶି ଦେଖାଯିବ: ନିମ୍ନଲିଖିତଗୁଡିକ ଆପଣଙ୍କ ଦ୍ୱାରା ପଇଠ ହେବାକୁ ଥିବା ମୋଟ ରାଶିର ଉପାଦାନ ଭାବେ ପ୍ରତିଫଳିତ ହେବ:

ଗଣନା କରାଯାଇଥିବା ସୁଧ: (ବକେୟା ରାଶି ଫ ୨.୯୦% ପ୍ରତି ମାସ ଫ ୧୨ ମାସ ଫ ଦିନ ସଂଖ୍ୟା) / ୩୬୫, ତେଣୁ

(କ) ୧୦ ଏପ୍ରିଲ ଠାରୁ ୧୪ ମେ (୩୫ ଦିନ) ପର୍ଯ୍ୟନ୍ତ ୧୫୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ=୫୦୦.୫୫ ଟଙ୍କା

୧୫ ଏପ୍ରିଲ ଠାରୁ ୧୪ ମେ (୩୦ ଦିନ) ପର୍ଯ୍ୟନ୍ତ ୫୦୦୦ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ ୧୪୩.୦୧ ଟଙ୍କା

୧୪ ମେ ଠାରୁ ୨୦ ମେ (୬ ଦିନ) ପର୍ଯ୍ୟନ୍ତ ୧୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ= ୫.୭୨ ଟଙ୍କା

ତେଣୁ ମୋଟ ସୁଧ ହେଉଛି ୬୪୯.୨୮ ଟଙ୍କା

(ଖ) ବିଳମ୍ବ ଦେୟ ଶୁଳ୍କ = ୭୫୦ ଟଙ୍କା

(ଗ) ସୁଧ ଓ ଅନ୍ୟ ଶୁଳ୍କ ଉପରେ ଜିଏସଟି ୧୮% = ୨୫୧.୮୭ ଟଙ୍କା

(ଘ) ବକେୟା ଥିବା ମୋଟ ମୂଳ ରାଶି = ୧,୦୦୦ ଟଙ୍କା(ନୂତନ କ୍ରୟ)

(ଙ) ତେଣୁ ମୋଟ ଦେୟ ରାଶି = ୨,୬୫୧.୧୫ ଟଙ୍କା

ଉଦାହରଣ ୩: କ୍ୟାଶ ଆଡଭାନ୍ସ ଟ୍ରାଞ୍ଜାକ୍ସନ ଉପରେ ସୁଧ/ସେବା ଶୁଳ୍କ

ମନେ କରନ୍ତୁ ଆପଣ ପୂର୍ବର ସମସ୍ତ ବକେୟା ରାଶି ପଇଠ କରିଛନ୍ତି ଏବଂ ଆପଣଙ୍କର ଆଇଡିବିଆଇ ବ୍ୟାଙ୍କ କାର୍ଡରେ କୌଣସି ବକେୟା ରାଶି ନାହିଁ। ବିବରଣୀ (ଷ୍ଟେଟମେଂଟ) ତାରିଖ ପ୍ରତିମାସ ୨୦ ତାରିଖ। ନିମ୍ନରେ ଆପଣ କରିଥିବା ଟ୍ରାଞ୍ଜାକ୍ସନର ତାଲିକା ଦିଆଯାଇଛି:

ଗଣନା କରାଯାଇଥିବା ସୁଧ: (ନଗଦ ଉଠାଣ ଘ ମାସିକ ୨.୯୦% ଘ ୧୨ ମାସ ଘ ଦିନ ସଂଖ୍ୟା) / ୩୬୫

ଚକ୍ର ୧: ୨୧ ମାର୍ଚ୍ଚରୁ ୨୦ ଏପ୍ରିଲ ପର୍ଯ୍ୟନ୍ତ

ତାରିଖ ଟ୍ରାଞ୍ଜାକ୍ସନ ପ୍ରକାର ରାଶି ବିବରଣୀ

୧୦ ଏପ୍ରିଲ ଘରୋଇ ସାମଗ୍ରୀର କ୍ରୟ ୧୫,୦୦୦ ଟଙ୍କା କ୍ରେଡିଟ୍ କାର୍ଡରେ କରାଯାଇଥିବା କ୍ରୟ

୧୫ ଏପ୍ରିଲ ପୋଷାକ ଓ ଆକ୍ସେସରିର କ୍ରୟ ୫,୦୦୦ ଟଙ୍କା କ୍ରେଡିଟ୍ କାର୍ଡରେ କରାଯାଇଥିବା କ୍ରୟ

୪

୧୮ ଏପ୍ରିଲ ନଗଦ ଉଠାଣ ୧୦,୦୦୦ ଟଙ୍କା କ୍ରେଡିଟ୍ କାର୍ଡରେ ଉଠାଯାଇଥିବା ନଗଦ

୧୮ ଏପ୍ରିଲ କ୍ୟାଶ ଆଡ୍‌ଭାନ୍ସ ଫି’ ୫୦୦ ଟଙ୍କା ୧୦,୦୦୦ ଟଙ୍କା ଝ ୨.୫%: ୨୫୦ ଟଙ୍କା, ଯାହା ୫୦୦ ଟଙ୍କାରୁ କମ୍

୧୮ ଏପ୍ରିଲ କ୍ୟାଶ ଆଡ୍‌ଭାନ୍ସ ଫି’ ଉପରେ ଜିଏସଟି ୯୦ ଟଙ୍କା ୫୦୦ ଟଙ୍କା ଝ ୧୮% ୯୦ ଟଙ୍କା

୨୦ ଏପ୍ରିଲ ସୁଧ ୧୯.୦୭ ଟଙ୍କା ନଗଦ ଉଠାଣ ଉପରେ ସୁଧ

ଏପ୍ରିଲ ୧୮ରୁ ଏପ୍ରିଲ ୨୦ ତାରିଖ (୨ ଦିନ) ପର୍ଯ୍ୟନ୍ତ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ୨.୯୦% ହାରରେ ମାସିକ ସୁଧ: ୧୯.୦୭ ଟଙ୍କା

୨୦ ଏପ୍ରିଲ ସୁଧ ଉପରେ ଜିଏସଟି ୩.୪୩ ଟଙ୍କା ୧୯.୦୭ ଟଙ୍କା ଝ ୧୮% = ୩.୪୩ ଟଙ୍କା

୨୦ ଏପ୍ରିଲ ବିବରଣୀ (ଷ୍ଟେଟମେଂଟ) ତାରିଖ ୩୦୬୧୨.୫୦ ଟଙ୍କା ମୋଟ ଦେୟ ରାଶି

ତେଣୁ ଏପ୍ରିଲ ୨୦ ତାରିଖ ଷ୍ଟେଟମେଂଟରେ, ନିମ୍ନଲିଖିତଗୁଡିକ ଆପଣଙ୍କ ଦ୍ୱାରା ପଇଠ ହେବାକୁ ଥିବା ମୋଟ ରାଶିର ଉପାଦାନ ଭାବେ ପ୍ରତିଫଳିତ ହେବ:

ଏପ୍ରିଲ ୨୦ ତାରିଖରେ ମୋଟ ଦେୟ ରାଶି: ୩୦,୬୧୨.୫୦ ଟଙ୍କା ଓ ସର୍ବନିମ୍ନ ଦେୟ ରାଶି: ୨୧୧୨.୫୦ ଟଙ୍କା

ଚକ୍ର ୨: ୨୧ ଏପ୍ରିଲ ଠାରୁ ୨୦ ମେ

ମନେ କରନ୍ତୁ ଟିଏଡି ବା ମୋଟ ଦେୟ ରାଶି ମେ’ ୫ ତାରିଖରେ ପଇଠ କରାଯାଇଛି, ତେବେ ମେ’ ୨୦ ତାରିଖରେ ଜାରି ହୋଇଥିବା ଷ୍ଟେଟମେଂଟରେ ନିମ୍ନଲିଖିତ ଉପାଦାନଗୁଡିକ ଅନ୍ତର୍ଭୁକ୍ତ ରହିବ।

ତାରିଖ ଟ୍ରାଞ୍ଜାକ୍ସନ ପ୍ରକାର ରାଶି ବିବରଣୀ

ଓପ୍‌ନିଙ୍ଗ ବାଲାନ୍ସ ୩୦,୬୧୨.୫୦ ଟଙ୍କା ପୂର୍ବ ଷ୍ଟେଟମେଂଟଠାରୁ କ୍ଲୋଜିଙ୍ଗ ବାଲାନ୍ସ

୫ ମେ ଦେୟ ୩୦,୬୧୨.୫୦ ଟଙ୍କା ପୂର୍ବର ମୋଟ ଦେୟ ରାଶି ଦିଗରେ ପେମେଂଟ

୧୪ ମେ   ଘରୋଇ ସାମଗ୍ରୀର କ୍ରୟ   ୧୦୦୦ ଟଙ୍କା   କ୍ରେଡିଟ କାର୍ଡ ଉପରେ କରାଯାଇଥିବା କ୍ରୟ

୨୦ ମେ   ସୁଧ   ୧୩୩.୪୮ ଟଙ୍କା   ନଗଦ ଉଠାଣ ଉପରେ ସୁଧ

ଏପ୍ରିଲ ୨୧ରୁ ମେ ୫ ତାରିଖ (୧୪ ଦିନ) ପର୍ଯ୍ୟନ୍ତ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ୨.୯୦% ହାରରେ ମାସିକ ସୁଧ: ୧୩୩.୪୮ ଟଙ୍କା

୨୦ ମେ   ସୁଧ ଉପରେ ଜିଏସଟି   ୨୪.୦୩ ଟଙ୍କା   ୧୩୩.୪୮ଟଙ୍କା *୧୮%=୨୪.୦୩ ଟଙ୍କା

୨୦ = ମେ   ଷ୍ଟେଟମେଂଟ ତାରିଖ   ୧୧୫୭.୫୧ ଟଙ୍କା   ମୋଟ ଦେୟ ରାଶି

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଆର୍‌ଥିକ ଶୁଳ୍କ ଏବଂ ଅନ୍ୟାନ୍ୟ ଶୁଳ୍କଗୁଡିକ ଆଇଡିବିଆଇ ବ୍ୟାଙ୍କର ବିବେଚନା ଅନୁଯାୟୀ ପରିବର୍ତନ ହୋଇପାରେ। ଏହା ମଧ୍ୟ ଧ୍ୟାନ ଦିଅନ୍ତୁ ଯେ ଯଦି କାର୍ଡ ସଦସ୍ୟ ଆକାଉଂଟର କ୍ରେଡିଟ୍ ସୀମା ଅତିକ୍ରମ କରନ୍ତି, ତେବେ ଆକାଉଂଟରେ ସୀମାଠାରୁ ଅଧିକ ଶୁଳ୍କ ଲାଗୁ ହେବ। ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଲାଗୁ ହେବାକୁ ଥିବା ଶୁଳ୍କର ତାଲିକା ପାଇଁ, ଦୟାକରି ଏହି ଡକ୍ୟୁମେଂଟର ଶେଷରେ ଉପଲବ୍ଧ ଫି ଆଣ୍ଡ ଚାର୍ଜେସ ସୂଚୀ ଦେଖନ୍ତୁ।

*ସୁଧ ହାର କାର୍ଡ ଭାରିଆଂଟ ଅନୁଯାୟୀ ଭିନ୍ନ ହୋଇଥାଏ।

୫

୩. ସୀମା

(୧) କ୍ରେଡିଟ୍ ଲିମିଟ- ଆଇଡିବିଆଇ ବ୍ୟାଙ୍କ ନିଜ ବିବେଚନା ଅନୁଯାୟୀ କାର୍ଡ ସଦସ୍ୟଙ୍କ ସୀମା ଅର୍ଥାତ୍ କ୍ରେଡିଟ୍ ଲିମିଟ ଏବଂ ନଗଦ ଉଠାଣ ସୀମା ନିର୍ଣ୍ଣୟ କରିବ। (ଆଡ୍-ଅନ୍ କାର୍ଡ ସଦସ୍ୟମାନେ ସମାନ ଲିମିଟ ସେୟାର କରନ୍ତି)। ଏହି ଲିମିଟ ସମ୍ପର୍କରେ ସ୍ୱାଗତ ପତ୍ର ଏବଂ ମାସିକ ଷ୍ଟେଟମେଂଟରେ କାର୍ଡ ସଦସ୍ୟଙ୍କୁ ଜଣାଇ ଦିଆଯାଇଥାଏ।

(୨) ଉପଲବ୍ଧ କ୍ରେଡିଟ୍ ଲିମିଟ – ଷ୍ଟେଟମେଂଟ ପ୍ରସ୍ତୁତ କରାଯିବା ସମୟରେ ଉପଲବ୍ଧ କ୍ରେଡିଟ୍ ଲିମିଟକୁ ମାସିକ ଷ୍ଟେଟମେଂଟର ଏକ ଅଂଶ ଭାବରେ ପ୍ରଦାନ କରାଯାଏ। ଆଇଡିବିଆଇ ବ୍ୟାଙ୍କ ସମୟ ସମୟରେ କାର୍ଡ ସଦସ୍ୟଙ୍କ ଆକାଉଂଟ ସମୀକ୍ଷା କରିବ ଏବଂ ଆଭ୍ୟନ୍ତରୀଣ ମାନଦଣ୍ଡ ଆଧାରରେ କାର୍ଡ ସଦସ୍ୟଙ୍କ କ୍ରେଡିଟ୍ ଲିମିଟ ହ୍ରାସ କରିବାର ଅଧିକାର ସଂରକ୍ଷଣ ରଖିବ। ନିଜର କ୍ରେଡିଟ୍ ଲିମିଟ ବୃଦ୍ଧି କରିବାକୁ ଚାହୁଁଥିବା କାର୍ଡ ସଦସ୍ୟମାନେ ବ୍ୟାଙ୍କକୁ ଚିଠି ଲେଖି ଏବଂ ସେମାନଙ୍କର ଆୟ ସମ୍ପର୍କିତ ଆର୍‌ଥିକ ଡକ୍ୟୁମେଂଟ ପ୍ରଦାନ କରି ଏହା କରିପାରିବେ। ବ୍ୟାଙ୍କ, ନିଜ ବିବେଚନାରେ ଏବଂ ପ୍ରଦାନ କରାଯାଇଥିବା ନୂତନ ଡକ୍ୟୁମେଂଟ ଉପରେ ଆଧାର କରି, କାର୍ଡ ସଦସ୍ୟଙ୍କ କ୍ରେଡିଟ୍ ସୀମା ବୃଦ୍ଧି କରିପାରିବ।

(୩) ନଗଦ ଉଠାଣ ସୀମା - ଗ୍ରାହକଙ୍କ ଦ୍ୱାରା ଚୟନ କରାଯାଇଥିବା କାର୍ଡ ଭାରିଆଂଟ ଉପରେ ଆଧାର କରି ନଗଦ ଉଠାଣ ସୀମା ଭିନ୍ନ ଭିନ୍ନ ହୋଇପାରେ। ନଗଦ ଉଠାଣ ସୀମା ୨୦% ରୁ ୭୦% ପର୍ଯ୍ୟନ୍ତ ହୋଇପାରେ।

ବିଲିଂ ଏବଂ ପେମେଂଟ

(କ) କାର୍ଡଧାରକଙ୍କ ଆକାଉଂଟରେ କରାଯାଇଥିବା ପେମେଂଟ ନିମ୍ନଲିଖିତ କ୍ରମରେ ସମାଧାନ କରାଯିବ

୧. ସୁଧ ୨. କର ୩. ଫି ୪. ନଗଦ ୫. ଇଏମଆଇ ୬. କ୍ରୟ

(ଖ) ଆଇଡିବିଆଇ ବ୍ୟାଙ୍କ କାର୍ଡ ସଦସ୍ୟଙ୍କୁ ଏକ ମାସିକ ଷ୍ଟେଟମେଂଟ ପଠାଇବ ଯେଉଁଥିରେ ଶେଷ ଷ୍ଟେଟମେଂଟ ପରଠାରୁ କାର୍ଡ ସଦସ୍ୟଙ୍କ ଆକାଉଂଟରେ କ୍ରେଡିଟ୍ ହୋଇଥିବା ପେମେଂଟ ଏବଂ ଡେବିଟ୍ ହୋଇଥିବା ଟ୍ରାଞ୍ଜାକ୍ସନଗୁଡିକୁ ଦର୍ଶାଯାଇଥିବ। ବ୍ୟାଙ୍କ ପ୍ରତି ମାସରେ ଏକ ପୂର୍ବନିର୍ଦ୍ଧାରିତ ତାରିଖରେ ବ୍ୟାଙ୍କରେ ରେକର୍ଡ ଥିବା ମେଲିଂ / ଇ-ମେଲ୍ ଠିକଣାକୁ କାର୍ଡ ଆକାଉଂଟରେ

ଟ୍ରାଞ୍ଜାକ୍ସନର ଏକ ଷ୍ଟେଟମେଂଟ ମେଲ୍ / ଇ-ମେଲ୍ ପଠାଇବ ଏବଂ ବ୍ୟାଙ୍କରେ ପଞ୍ଜିକୃତ ମୋବାଇଲ୍ ନମ୍ବରରେ ଏସଏମଏସ ଭାବରେ ଏକ ମିନି ଷ୍ଟେଟମେଂଟଷ୍ଟ ମଧ୍ୟ ପଠାଇବ। ତେବେ ଷ୍ଟେଟମେଂଟ ନ ପାଇବା କାର୍ଡଧାରୀଙ୍କ ଦାୟିତ୍ୱ ଏବଂ ଅଧିକାରକୁ ପ୍ରଭାବିତ କରିବ ନାହିଁ। ଯଦି ବାକି ଥିବା ରାଶି ₹୫୦/- ରୁ କମ୍ ହୋଇଥାଏ ଏବଂ ଶେଷ ଷ୍ଟେଟମେଂଟ ପରଠାରୁ ଆଉ କୌଣସି ଟ୍ରାଞ୍ଜାକ୍ସନ ବିଲିଂ ହେବା ପାଇଁ ନଥାଏ, ତେବେ କୌଣସି ଷ୍ଟେଟମେଂଟ ଜାରି କରାଯିବ ନାହିଁ। କାର୍ଡଧାରକମାନଙ୍କୁ ସେମାନଙ୍କ ସୁବିଧା ଅନୁଯାୟୀ କ୍ରେଡିଟ୍ କାର୍ଡର ବିଲିଂ ସାଇକେଲ ପରିବର୍ତନ କରିବା ପାଇଁ ଅତି କମରେ ଥରେ ଏକ ବିକଳ୍ପ ପ୍ରଦାନ କରାଯିବ।

(ଗ) ଆଇଡିବିଆଇ ବ୍ୟାଙ୍କ କାର୍ଡ ସଦସ୍ୟଙ୍କୁ ରିଭଲ୍‌ଭିଂ କ୍ରେଡିଟ୍ ସୁବିଧା ପ୍ରଦାନ କରୁଛି। କାର୍ଡ ସଦସ୍ୟ କେବଳ ଷ୍ଟେଟମେଂଟରେ ମୁଦ୍ରିତ ସର୍ବନିମ୍ନ ଦେୟ ରାଶି ପଇଠ କରିବା ପାଇଁ ଚୟନ କରିପାରିବେ। ଅବଶିଷ୍ଟ ରାଶିକୁ ପରବର୍ତୀ ଷ୍ଟେଟମେଂଟକୁ ନିଆଯାଇପାରିବ। କାର୍ଡ ସଦସ୍ୟ ମୋଟ ଦେୟ ପରିମାଣ କିମ୍ବା ସର୍ବନିମ୍ନ ଦେୟ ପରିମାଣଠାରୁ ଅଧିକ ପରିମାଣର ଯେକୌଣସି ଅଂଶ ଦେବା ପାଇଁ ମଧ୍ୟ ଚୟନ କରିପାରିବେ। ଏପରି ପେମେଂଟ, ଦେୟ ତାରିଖ ପୂର୍ବରୁ କରାଯିବା ଉଚିତ। ଲେଟ୍ ପେମେଂଟ ଚାର୍ଜ ଏଡାଇବା ପାଇଁ ପେମେଂଟ ଦେୟ ତାରିଖରେ କିମ୍ବା ପୂର୍ବରୁ ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଆକାଉଂଟରେ ସ୍ୱଷ୍ଟ ପାଣ୍ଠି ଜମା କରାଯିବା ଆବଶ୍ୟକ। କାର୍ଡ ସଦସ୍ୟମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ପେମେଂଟ ଦେୟ ତାରିଖ ମଧ୍ୟରେ କାର୍ଡ ଆକାଉଂଟରେ ପେମେଂଟ ଯେପରି ପ୍ରତିଫଳିତ ହୁଏ ତାହା ନିଶ୍ଚିତ କରିବା ପାଇଁ ପେମେଂଟ ଦେୟ ତାରିଖ ପୂର୍ବରୁ ଲୋକାଲ ଚେକ୍ ପକାଇବାକୁ ପରାମର୍ଶ ଦିଆଯାଇଛି। ପୂର୍ବ ଷ୍ଟେଟମେଂଟର କୌଣସି ପ୍ରକାରର ପଇଠ କରାଯାଇନଥିବା ସର୍ବନିମ୍ନ ଦେୟ ରାଶିକୁ, କାର୍ଡ ସଦସ୍ୟଙ୍କ କ୍ରେଡିଟ୍ ସୀମା ଅତିକ୍ରମ କରିଥିବା ବକେୟା ରାଶି ସହ ତାଙ୍କର ବର୍ତମାନର ସର୍ବନିମ୍ନ ଦେୟ ପରିମାଣରେ ଯୋଡାଯିବ।

ସର୍ବନିମ୍ନ ଦେୟ ରାଶି (ଏମଏଡି) ଗଣନା ପାଇଁ ଉଦାହରଣ:

କାର୍ଡ ସଦସ୍ୟଙ୍କ ସମସ୍ତ ଶୁଳ୍କ ତୁରନ୍ତ ପରିଶୋଧ କରିବାର ଦାୟିତ୍ୱ ପ୍ରତି ପକ୍ଷପାତ ନକରି, କାର୍ଡ ସଦସ୍ୟ ଧାର୍ଯ୍ୟ ତାରିଖ ସୁଦ୍ଧା ଷ୍ଟେଟମେଂଟରେ ଉଲ୍ଲେଖ ଥିବା କେବଳ ସର୍ବନିମ୍ନ ଦେୟ ରାଶି (ଏମଏଡି) ପଇଠ କରିବାର ବିକଳ୍ପ ବ୍ୟବହାର କରିପାରିବେ। ସର୍ବନିମ୍ନ ଦେୟ ରାଶି ବକେୟା ପରିମାଣର ୫% କିମ୍ବା ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ରାଶି ହେବ। କିସ୍ତି ମାଧ୍ୟମରେ କରାଯାଉଥିବା କୌଣସି ପରିଶୋଧ କ୍ଷେତ୍ରରେ ଷ୍ଟେଟମେଂଟ ଅବଧି ସମୟରେ କିସ୍ତି ଦେୟ ରାଶିକୁ ସର୍ବନିମ୍ନ ଦେୟ ରାଶିରେ ଯୋଡାଯିବ। ଯଦି ମୋଟ ବକେୟା ରାଶି କ୍ରେଡିଟ୍ କିମ୍ବା ନଗଦ ସୀମା ଠାରୁ ଅଧିକ ହୁଏ, ତେବେ କ୍ରେଡିଟ୍ କିମ୍ବା ନଗଦ ସୀମା ଅତିକ୍ରମ କରିଥିବା ରାଶିକୁ ମଧ୍ୟ ସର୍ବନିମ୍ନ ଦେୟ ରାଶିରେ ଅନ୍ତର୍ଭୁକ୍ତ କରାଯିବ। ପୂର୍ବ ଷ୍ଟେଟମେଂଟର ପଇଠ ହୋଇନଥିବା ସର୍ବନିମ୍ନ ଦେୟ ରାଶିକୁ, ସର୍ବନିମ୍ନ ଦେୟ ରାଶିରେ ସାମିଲ କରାଯିବ। ଯଦି ସର୍ବନିମ୍ନ ଦେୟ ରାଶି ପରିଶୋଧ କରାଯାଇଥିଲେ ମଧ୍ୟ ଯଦି ଦେୟ ତାରିଖ ସୁଦ୍ଧା ମୋଟ ଦେୟ ରାଶି ପରିଶୋଧ କରାଯାଇନଥାଏ ତେବେ ସୁଧ ଆଦାୟ କରାଯିବ। ଯଦି ଗ୍ରାହକ କ୍ରେଡିଟ୍ କାର୍ଡ ପେମେଂଟ ପାଇଁ ଅଟୋ ଡେବିଟ୍ ସୁବିଧା ପାଇଁ ପଞ୍ଜୀକୃତ କରିଛନ୍ତି ଏବଂ ସର୍ବନିମ୍ନ ଦେୟ ରାଶି ବିକଳ୍ପ ଚୟନ କରିଛନ୍ତି, ତେବେ ଧାର୍ଯ୍ୟ ତାରିଖରେ ଏହା କାର୍ଯ୍ୟକାରୀ କରାଯିବ, ଯଦି ଗ୍ରାହକ ଧାର୍ଯ୍ୟ ତାରିଖ ପୂର୍ବରୁ କୌଣସି ରାଶି ପରିଶୋଧ କରିନଥାନ୍ତି। ଯଦି ଗ୍ରାହକ ଧାର୍ଯ୍ୟ ତାରିଖ ପୂର୍ବରୁ ସର୍ବନିମ୍ନ ଦେୟ ରାଶି ଠାରୁ କମ୍ ଅର୍ଥ ପରିଶୋଧ କରିଛନ୍ତି, ତେବେ ପୃଥକ ରାଇ ଡେବିଟ୍ କରାଯିବ। ଯଦି ଗ୍ରାହକ ଧାର୍ଯ୍ୟ ତାରିଖ ପୂର୍ବରୁ ସର୍ବନିମ୍ନ ଦେୟ ରାଶି ସହିତ ସମାନ କିମ୍ବା ତା'ଠାରୁ ଅଧିକ ପରିମାଣ ପରିଶୋଧ କରିଛନ୍ତି, ତେବେ ଗ୍ରାହକଙ୍କ ଲାୟବିଲିଟି ଆକାଉଂଟରୁ କୌଣସି ଅତିରିକ୍ତ ରାଶି ଡେବିଟ୍ କରାଯିବ ନାହିଁ।

ଯଦି ଆପଣ ୫,୦୦୦ ଟଙ୍କା ଖର୍ଚ୍ଚ କରନ୍ତି ଏବଂ ପ୍ରତି ମାସରେ ସର୍ବନିମ୍ନ ଦେୟ ରାଶି (ସର୍ବନିମ୍ନ ୧୦୦ ଟଙ୍କା ଦେୟ ଉପରେ ନିର୍ଭର କରେ) ଫେରସ୍ତ କରନ୍ତି, ତେବେ ମୋଟ ରାଶି ପରିଶୋଧ କରିବାକୁ ଆପଣଙ୍କୁ ୬ ବର୍ଷ ୬ ମାସ ପର୍ଯ୍ୟନ୍ତ ସମୟ ଲାଗିବ। ତେଣୁ ଆମେ ପରାମର୍ଶ ଦେଉଛୁ ଯେ ଯେତେବେଳେ ଆପଣଙ୍କର ନଗଦ ପ୍ରବାହ ଅନୁମତି ଦେଉଛି, ଆପଣ ନିଜର ସର୍ବନିମ୍ନ ଦେୟ ରାଶି ଅପେକ୍ଷା ଯଥେଷ୍ଟ ଅଧିକ ରାଶି ପରିଶୋଧ କରନ୍ତୁ। ଯଦି କାର୍ଡ ସଦସ୍ୟ କାର୍ଡର ବକେୟା ତୁଳନାରେ ଅଧିକ ପଇଠ କରନ୍ତି, ତେବେ କାର୍ଡ ଆକାଉଂଟର କ୍ରେଡିଟ୍ ବାଲାନ୍ସ ରହିବ। ଏହା କାର୍ଡରେ ପରବର୍ତୀ ଟ୍ରାଞ୍ଜାକ୍ସନ ସହିତ ଆଡଜଷ୍ଟ କରାଯିବ। ତେବେ ଏହି ଅତିରିକ୍ତ କ୍ରେଡିଟ୍ ପରିମାଣ ଉପରେ କୌଣସି ସୁଧ ଦାବି କରାଯାଇପାରିବ ନାହିଁ।

ମନେ କରନ୍ତୁଯେ ଆପଣ ସମସ୍ତ ପୂର୍ବ ଦେୟ ସମ୍ପୂର୍ଣ୍ଣ ଭାବରେ ପରିଶୋଧ କରିଛନ୍ତି, ଏବଂ ଆପଣଙ୍କ କ୍ରେଡିଟ୍ କାର୍ଡ ଆକାଉଂଟରେ କୌଣସି ବକେୟା ରାଶି ନାହିଁ, ଏବଂ ଆପଣଙ୍କର ମାସିକ ଷ୍ଟେଟମେଂଟ ପ୍ରତି ମାସର ୨୦ ତାରିଖରେ ସୃଷ୍ଟି ହୁଏ।

ତାରିଖ ପ୍ରକାର ସିଆର/

ଡିଆର ଏମଏଡି ଯୋଗଦାନ ରାଶି

୨୫ ସେପ୍ଟେମ୍ବର କ୍ରୟ ଡିଆର ୫% ୫୦୦୦ ଟଙ୍କା

୧ ଅକ୍ଟୋବର ବାର୍ଷିକ ଫି’ ଡିଆର ୧୦୦% ୧୪୯୯ ଟଙ୍କା

୧ ଅକ୍ଟୋବର ନଗଦ ଉଠାଣ ଡିଆର ୫% ୨୦୦୦ ଟଙ୍କା

୧ ଅକ୍ଟୋବର ନଗଦ ଉଠାଣ ଫି’ ଡିଆର ୧୦୦% ୫୦୦ ଟଙ୍କା

୨୦ ଅକ୍ଟୋବର ନଗଦ ଉଠାଣ ଉପରେ ସୁଧ ଡିଆର ୧୦୦% ୩୮.୧୪ ଟଙ୍କା

୨୦ ଅକ୍ଟୋବର ଜିଏସଟି ଡିଆର ୧୦୦% ୩୬୬.୬୮ ଟଙ୍କା

ସର୍ବନିମ୍ନ ଦେୟ ରାଶି (ଏମଏଡି)କୁ ନିମ୍ନ ଅନୁଯାୟୀ ଗଣନା କରାଯିବ:

ଏମଏଡି= (ଖୁଚୁରା ବ୍ୟୟ + ଅଗ୍ରୀମ ନଗଦ)ର ୫%+ ଫି/ଚାର୍ଜର ୧୦୦% +ସୁଧ/ଆର୍ଥିକ ଶୁଳ୍କର ୧୦୦% + ଇଏମଆଇ ରାଶି + ଜିଏସଟି

ଏମଏଡି= ୫% ଅ (୫୦୦୦ ଟଙ୍କା+୨୦୦୦ ଟଙ୍କା) + ୧୦୦% ଅ (୧୪୯୯ ଟଙ୍କା+୫୦୦ ଟଙ୍କା) + ୧୦୦% ଅ (୩୮.୧୪ ଟଙ୍କା+୩୬୬.୬୮ ଟଙ୍କା) = ୨୭୫୩.୮୨ ଟଙ୍କା

ସର୍ବନିମ୍ନ ଦେୟ ରାଶି ୨୭୫୩.୮୨ ଟଙ୍କା ହେବ।

ସର୍ବନିମ୍ନ ଦେୟ ପରିମାଣ ପରିଶୋଧ ନ କରିବାର ପରିଣାମ

ଯଦି ଗ୍ରାହକ ଧାର୍ଯ୍ୟ ତାରିଖ ଦିନ କିମ୍ବା ତାହା ପୂର୍ବରୁ ଅତି କମରେ ସର୍ବନିମ୍ନ ଦେୟ ରାଶି (ଏମଏଡି) ପରିଶୋଧ କରିବାରେ ବିଫଳ ହୁଅନ୍ତି, ତେବେ ପ୍ରଯୁଜ୍ୟ ହାର ଅନୁଯାୟୀ ଗ୍ରାହକଙ୍କୁ ବିଳମ୍ବ ଦେୟ ଫି ଏବଂ ଆର୍ôଥକ/ସେବା ଶୁଳ୍କ ଦେବାକୁ ପଡିବ। ଏହାସହିତ, ଧାର୍ଯ୍ୟ ତାରିଖରୁ ଦେୟରେ ବିଳମ୍ବ ହେବାର ଉପଯୁକ୍ତ ଦିନ ଏବଂ ଅନୁରୂପ ପରିମାଣ ସହିତ ଗ୍ରାହକଙ୍କୁ କ୍ରେଡିଟ୍ ଇନଫର୍ମେସନ୍ କମ୍ପାନୀ (ସିଆଇସି) ସହିତ 'ଡିଫଲ୍ଟର' ଭାବରେ ରିପୋର୍ଟ କରାଯିବ।

ଉଦାହରଣ ୧: ଧାର୍ଯ୍ୟ ତାରିଖ ପରେ ଏମଏଡି ପେମେଂଟ

ନିମ୍ନଲିଖିତ ଚିତ୍ରଟି ଦେୟ ତାରିଖ ସୁଦ୍ଧା ସର୍ବନିମ୍ନ ଦେୟ ରାଶି ପରିଶୋଧ ନ ହେବା କ୍ଷେତ୍ରରେ ବିଭିନ୍ନ ଶୁଳ୍କ ଗଣନା କରାଯିବାର ପଦ୍ଧତିକୁ ସୂଚିତ କରିବ। ମନେ କରନ୍ତୁ ଯେ ଆପଣ ସମସ୍ତ ପୂର୍ବ ଦେୟ ସମ୍ପୂର୍ଣ୍ଣ ଭାବରେ ପରିଶୋଧ କରିଛନ୍ତି ଏବଂ ଆପଣଙ୍କର

ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ କୌଣସି ବକେୟା ରାଶି ନାହିଁ। ଆପଣଙ୍କର ଷ୍ଟେଟମେଂଟ ତାରିଖ ପ୍ରତି ମାସର ୨୦ ତାରିଖ। ନିମ୍ନରେ ଆପଣଙ୍କ କାର୍ଡ ଆକାଉଂଟରେ କରାଯାଇଥିବା ଟ୍ରାଞ୍ଜାକ୍ସନର ତାଲିକା ଦିଆଯାଇଛି।

ତାରିଖ ବିବରଣୀ ରାଶି

୧୦ ଏପ୍ରିଲ ଘରୋଇ ସାମଗ୍ରୀ କ୍ରୟ ୧୫୦୦୦ ଟଙ୍କା

୧୫ ଏପ୍ରିଲ ପୋଷାକ ଓ ଆକ୍ସେସରି କ୍ରୟ ୫୦୦୦ ଟଙ୍କା

୨୦ ଏପ୍ରିଲ ଷ୍ଟେଟମେଂଟ ତାରିଖ ମୋଟ ଦେୟ ରାଶି= ୨୦୦୦୦ ଟଙ୍କା

ସର୍ବନିମ୍ନ ଦେୟ ରାଶି= ୧୦୦୦ ଟଙ୍କା

୮ ମେ ପେମେଂଟ ଦେୟ ତାରିଖ ମୋଟ ଦେୟ ରାଶି= ୨୦୦୦୦ ଟଙ୍କା

ସର୍ବନିମ୍ନ ଦେୟ ରାଶି= ୧୦୦୦ ଟଙ୍କା

୧୨ ମେ କାର୍ଡ ଆକାଉଂଟରେ ପେମେଂଟ ୨୦୦୦ ଟଙ୍କା (କ୍ରେଡିଟ)

୧୪ ମେ ଗ୍ରୋସରୀ କ୍ରୟ ୧୦୦୦ ଟଙ୍କା

୧୫ ମେ କାର୍ଡ ଆକାଉଂଟରେ ପେମେଂଟ ୧୫୦୦୦ ଟଙ୍କା (କ୍ରେଡିଟ)

୨୦ ମେ ଷ୍ଟେଟମେଂଟ ତାରିଖ ମୋଟ ଦେୟ ରାଶି= ୫୬୭୧.୨୬ ଟଙ୍କା

ସର୍ବନିମ୍ନ ଦେୟ ରାଶି= ୧୮୭୧.୨୬ ଟଙ୍କା

ଯେହେତୁ ଗ୍ରାହକ ଧାର୍ଯ୍ୟ ତାରିଖ ପୂର୍ବରୁ ସର୍ବନିମ୍ନ ଦେୟ ରାଶି ପଇଠ କରିନାହାନ୍ତି, ତେଣୁ ଗ୍ରାହକଙ୍କୁ ସମସ୍ତ ସିଆଇସିରେ 'ଡିଫଲ୍ଟର' ଭାବେ ରିପୋର୍ଟ କରାଯିବ। ଏହାବ୍ୟତୀତ ଗ୍ରାହକଙ୍କ ଉପରେ ନିମ୍ନଲିଖିତ ଶୁଳ୍କ ଲାଗୁ କରାଯିବ:

ଲେଟ ପେମେଂଟ ଫି'- ୭୫୦ ଟଙ୍କା + ୧୩୫ ଟଙ୍କା (୧୮% ଜିଏସଟି)= ୮୮୫ ଟଙ୍କା

ଆର୍ଥିକ/ ସେବା ଶୁଳ୍କ-

୧୦ ଏପ୍ରିଲରୁ ୧୧ ମେ (୩୨ ଦିନ ପାଇଁ) ପର୍ଯ୍ୟନ୍ତ ୧୫୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ = ୪୫୭.୬୪ ଟଙ୍କା

୧୨ ମେ ରୁ ୧୪ ମେ (୨ ଦିନ ପାଇଁ) ପର୍ଯ୍ୟନ୍ତ ୧୩୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ = ୩୭.୧୮ ଟଙ୍କା

୧୫ ଏପ୍ରିଲରୁ ୧୪ ମେ (୩୦ ଦିନ ପାଇଁ) ପର୍ଯ୍ୟନ୍ତ ୫୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ= ୧୪୩.୦୧ ଟଙ୍କା

୧୫ ମେ'ରୁ ୨୦ ମେ (୫ ଦିନ ପାଇଁ) ପର୍ଯ୍ୟନ୍ତ ୩୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ= ୧୪.୩୦ ଟଙ୍କା

୧୪ ମେ'ରୁ ୨୦ ମେ (୬ ଦିନ) ପର୍ଯ୍ୟନ୍ତ ୧୦୦୦ ଟଙ୍କାର ନୂତନ ବ୍ୟୟ ଉପରେ ୨.୯୦% ହାରରେ ମାସିକ ସୁଧ = ୫.୭୨ ଟଙ୍କା

ତେଣୁ ମୋଟ ସୁଧ ହେଉଛି ୬୫୭.୮୫ ଟଙ୍କା+୧୧୮.୪୧ ଟଙ୍କା (୧୮% ଜିଏସଟି)= ୭୭୬.୨୬ ଟଙ୍କା

ମୋଟ ଦେୟ ରାଶି = ୪୦୦୦ ଟଙ୍କା (୨୦,୦୦୦ ଟଙ୍କା + ୧୦୦୦ ଟଙ୍କା – ୨୦୦୦ ଟଙ୍କା+୧୫୦୦୦ ଟଙ୍କା) + ୮୮୫ଟଙ୍କା+୭୭୬.୨୬ ଟଙ୍କା = ୫୬୬୧.୨୬ ଟଙ୍କା

ମେ' ୨୦ ତାରିଖ ଷ୍ଟେଟମେଂଟରେ ସର୍ବନିମ୍ନ ଦେୟ ରାଶି, ଖୁଚୁରା କ୍ରୟ / ବକେୟା ରାଶିର ୫% ଏ ୧୦୦% ଜିଏସଟି + ୧୦୦% ସୁଧ +୧୦୦% ଲେଟ୍ ପେମେଂଟ ଚାର୍ଜ= ୧୮୬୧.୨୬ ଟଙ୍କା (୨୦୦ ଟଙ୍କା (୪୦୦୦ ଟଙ୍କାଅଁ୫%)+୭୫୦ଟଙ୍କା+୬୫୭.୮୫ ଟଙ୍କା+୨୫୩.୪୧ ଟଙ୍କା = ୧୮୬୧.୨୬ ଟଙ୍କା

ଉଦାହରଣ ୨: ଦେୟ ତାରିଖରେ କିମ୍ବା ପୂର୍ବରୁ (ଟିଏଡି ପଇଠ ହୋଇନାହିଁ) ଏମଏଡିର ପେମେଂଟ

ନିମ୍ନଲିଖିତ ଚିତ୍ରଟି ଧାର୍ଯ୍ୟ ଦେୟ ତାରିଖରେ କିମ୍ବା ତାରିଖ ପୂର୍ବରୁ କରାଯାଇଥିବା ପେମେଂଟ ସର୍ବନିମ୍ନ ଦେୟ ରାଶି ସହ ସମାନ କିମ୍ବା ଅଧିକ ଥିଲେ କିନ୍ତୁ ମୋଟ ଦେୟ ରାଶିଠାରୁ କମ୍ ଥିବା ସ୍ଥିତିରେ ବିଭିନ୍ନ ଶୁଳ୍କଗୁଡିକୁ ଗଣନା କରିବାର ପଦ୍ଧତିକୁ ସୂଚିତ କରିବ। ମନେରକନ୍ତୁ ଆପଣ ପୂର୍ବ ସମସ୍ତ ଦେୟ ସମ୍ପୂର୍ଣ୍ଣ ଭାବରେ ପରିଶୋଧ କରିଛନ୍ତି ଏବଂ ଆପଣଙ୍କର ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ କୌଣସି ବକେୟା ରାଶି ନାହିଁ। ଆପଣଙ୍କର ଷ୍ଟେଟମେଂଟ ତାରିଖ ପ୍ରତି ମାସର ୨୦ ତାରିଖ ରହିଛି। ତେବେ ନିମ୍ନଲିଖିତ ହେଉଛି ଆପଣଙ୍କ କାର୍ଡ ଆକାଉଂଟରେ କରାଯାଇଥିବା ଟ୍ରାଞ୍ଜାକ୍ସନର ତାଲିକା।

ତାରିଖ   ବିବରଣୀ ରାଶି

୧୦ ଏପ୍ରିଲ   ଘରୋଇ ସାମଗ୍ରୀ କ୍ରୟ   ୧୫୦୦୦ ଟଙ୍କା

୧୫ ଏପ୍ରିଲ   ପୋଷାକ ଓ ଆକ୍‌ସେସରି କ୍ରୟ   ୫୦୦୦ ଟଙ୍କା

୨୦ ଏପ୍ରିଲ   ଷ୍ଟେଟମେଂଟ ତାରିଖ   ମୋଟ ଦେୟ ରାଶି= ୨୦୦୦୦ ଟଙ୍କା

ସର୍ବନିମ୍ନ ଦେୟ ରାଶି= ୧୦୦୦ ଟଙ୍କା

୧ ମେ   କାର୍ଡ ଆକାଉଂଟରେ ପେମେଂଟ   ୪୦୦୦ ଟଙ୍କା

୮ ମେ   ଦେୟ ତାରିଖ   ମୋଟ ଦେୟ ରାଶି= ୧୬୦୦୦ ଟଙ୍କା

ସର୍ବନିମ୍ନ ଦେୟ ରାଶି= ୦

୧୪ ମେ   ଗ୍ରୋସରୀ କ୍ରୟ   ୧୦୦୦ ଟଙ୍କା

୨୦ ମେ   ଷ୍ଟେଟମେଂଟ ତାରିଖ   ମୋଟ ଦେୟ ରାଶି= ୧୭୭୯୩.୧୬ ଟଙ୍କା

ସର୍ବନିମ୍ନ ଦେୟ ରାଶି= ୧୬୪୩.୧୬ ଟଙ୍କା

ଗ୍ରାହକ ଧାର୍ଯ୍ୟ ଦେୟ ତାରିଖରେ କିମ୍ବା ପୂର୍ବରୁ ସର୍ବନିମ୍ନ ଦେୟ ରାଶି ପଇଠ କରିଥିବାରୁ, ଗ୍ରାହକଙ୍କୁ ସମସ୍ତ ସିଆଇସିରେ 'ଡିଫଲ୍ଟର' ଭାବେ ରିପୋର୍ଟ କରାଯିବ ନାହିଁ। ଗ୍ରାହକଙ୍କ ଉପରେ ଲାଗୁ ହେବାକୁ ଥିବା ଶୁଳ୍କଗୁଡିକ ନିମ୍ନପ୍ରକାର ରହିବ:

ବିଳମ୍ବିତ ଦେୟ ଶୁଳ୍କ- ଶୂନ

ଆର୍ଥିକ/ ସେବା ଶୁଳ୍କ-

୧୦ ଏପ୍ରିଲରୁ ୩୦ ଏପ୍ରିଲ (୨୧ ଦିନ) ପର୍ଯ୍ୟନ୍ତ ୧୫୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ = ୩୦୦.୩୩ ଟଙ୍କା

୨ ମେ ରୁ ୨୦ ମେ (୧୯ ଦିନ) ପର୍ଯ୍ୟନ୍ତ ୧୧୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ= ୧୯୯.୨୬ ଟଙ୍କା

୧୫ ଏପ୍ରିଲରୁ ୨୦ ମେ (୩୫ ଦିନ) ପର୍ଯ୍ୟନ୍ତ ୫୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ= ୧୬୬.୮୫ ଟଙ୍କା

୧୪ ମେ ରୁ ୨୦ ମେ (୬ ଦିନ) ପର୍ଯ୍ୟନ୍ତ ୧୦୦୦ ଟଙ୍କା ଉପରେ ୨.୯୦% ହାରରେ ମାସିକ ସୁଧ= ୫.୭୨ ଟଙ୍କା

ତେଣୁ ମୋଟ ସୁଧ ହେଉଛି ୬୭୨.୧୬ ଟଙ୍କା + ୧୨୧.୦୦ ଟଙ୍କା (୧୮% ଜିଏସଟି) = ୭୯୩.୧୬ ଟଙ୍କା

ମୋଟ ଦେୟ ରାଶି = ୧୭,୦୦୦ ଟଙ୍କା (୨୦,୦୦୦ ଟଙ୍କା + ୧୦୦୦ ଟଙ୍କା – ୪୦୦୦ ଟଙ୍କା) + ୬୭୨.୧୬ ଟଙ୍କା +୧୨୧ ଟଙ୍କା = ୧୭,୭୯୩.୧୬ ଟଙ୍କା

ମେ ୨୦ ତାରିଖ ଷ୍ଟେଟମେଂଟରେ ସର୍ବନିମ୍ନ ଦେୟ ରାଶି ଖୁଚୁରା କ୍ରୟ/ବଳକା ରାଶିର ୫%+ ୧୦୦% ଜିଏସଟି + ୧୦୦% ସୁଧ= ୧୬୪୩.୧୬ ଟଙ୍କା (୮୫୦ ଟଙ୍କା (୧୭୦୦୦ଟଙ୍କା ଈ ୫%) + ୬୭୨.୧୬ ଟଙ୍କା +୧୨୧ ଟଙ୍କା = ୧୬୪୩.୧୬ ଟଙ୍କା

ଉଦାହରଣ ୩: ଦେୟ ତାରିଖରେ କିମ୍ବା ପୂର୍ବରୁ ଏମଏଡିର ପେମେଂଟ (ଟିଏଡି ସମ୍ପୂର୍ଣ୍ଣ ପଇଠ ହୋଇଛି)

ନିମ୍ନଲିଖିତ ଚିତ୍ରଟି ପେମେଂଟ ଦେୟ ତାରିଖ ସୁଦ୍ଧା ମୋଟ ଦେୟ ରାଶି ପଇଠ କରାଯିବା କ୍ଷେତ୍ରରେ ବିଭିନ୍ନ ଶୁଳ୍କ ଗଣନା କରାଯିବାର ପଦ୍ଧତିକୁ ସୂଚିତ କରାଯିବ। ମନେରକନ୍ତୁ ଆପଣ ପୂର୍ବ ସମସ୍ତ ଦେୟ ସମ୍ପୂର୍ଣ୍ଣ ଭାବରେ ପରିଶୋଧ କରିଛନ୍ତି ଏବଂ ଆପଣଙ୍କର ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ କୌଣସି ବକେୟା ରାଶି ନାହିଁ। ଆପଣଙ୍କର ଷ୍ଟେଟମେଂଟ ତାରିଖ ପ୍ରତି ମାସର ୨୦ ତାରିଖ ରହିଛି। ତେବେ ନିମ୍ନଲିଖିତ ହେଉଛି ଆପଣଙ୍କର କାର୍ଡ ଆକାଉଂଟରେ କରାଯାଇଥିବା ଟ୍ରାଞ୍ଜାକ୍ସନର ତାଲିକା।

ତାରିଖ   ବିବରଣୀ ରାଶି

୧୦ ଏପ୍ରିଲ   ଘରୋଇ ସାମଗ୍ରୀ କ୍ରୟ   ୧୫୦୦୦ ଟଙ୍କା

୧୫ ଏପ୍ରିଲ   ପୋଷାକ ଓ ଆକ୍ସେସରି କ୍ରୟ   ୫୦୦୦ ଟଙ୍କା

୨୦ ଏପ୍ରିଲ   ଷ୍ଟେଟମେଂଟ ତାରିଖ   ମୋଟ ଦେୟ ରାଶି= ୨୦୦୦୦ ଟଙ୍କା

ସର୍ବନିମ୍ନ ଦେୟ ରାଶି= ୧୦୦୦ ଟଙ୍କା

୧ ମେ   କାର୍ଡ ଆକାଉଂଟରେ ପେମେଂଟ   ୨୦୦୦୦ ଟଙ୍କା

୮ ମେ   ଦେୟ ତାରିଖ   ମୋଟ ଦେୟ ରାଶି= ୦

ସର୍ବନିମ୍ନ ଦେୟ ରାଶି= ୦

୧୪ ମେ   ଗ୍ରୋସରୀ କ୍ରୟ   ୧୦୦୦ ଟଙ୍କା

୨୦ ମେ   ଷ୍ଟେଟମେଂଟ ତାରିଖ   ମୋଟ ଦେୟ ରାଶି= ୧୦୦୦ ଟଙ୍କା

ସର୍ବନିମ୍ନ ଦେୟ ରାଶି= ୫୦ ଟଙ୍କା

ମେ’ ୨୦ ତାରିଖ (ପରବର୍ତୀ ଷ୍ଟେଟମେଂଟ ତାରିଖ) ପର୍ଯ୍ୟନ୍ତ ଅନ୍ୟ କୌଣସି ପେମେଂଟ କରାଯାଇନାହିଁ। ମନେ କରନ୍ତୁ କାର୍ଡରେ ମାସିକ ୨.୯୦%ର ସୁଧ ରହିଛି। ସୁଧ ଓ ଶୁଳ୍କଗୁଡିକ ନିମ୍ନ ଅନୁଯାୟୀ ପ୍ରଯୁଜ୍ୟ ହେବ:

୧) ସୁଧ – ଶୂନ ୨) ଜିଏସଟି ଚାର୍ଜ- ଶୂନ ୩) ମୋଟ ବକେୟା ରାଶି= ୧୦୦୦ ଟଙ୍କା, ତେଣୁ ମେ ୨୦ ତାରିଖ ଷ୍ଟେଟମେଂଟରେ ମୋଟ ଦେୟ ରାଶି ହେବ (୧) + (୨) + (୩) = ୧୦୦୦ ଟଙ୍କା

(ଘ) ଯଦି ଧାର୍ଯ୍ୟ ତାରିଖ ପୂର୍ବରୁ ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଆକାଉଂଟରେ ଦେୟ ଜମା ନହୁଏ, ତେବେ ବ୍ୟାଙ୍କ ନିଜ ବିବେଚନାରେ କାର୍ଡକୁ ଅଧିକ ବ୍ୟବହାର ପାଇଁ ବ୍ଲକ୍ କରିବ।

(ଙ) କାର୍ଡର ବକେୟା ରାଶି ପାଇଁ କରାଯାଇଥିବା ଦେୟକୁ ପରବର୍ତୀ ଷ୍ଟେଟମେଂଟରେ ସ୍ୱୀକାର କରାଯିବ।

(ଚ) ଯଦି କାର୍ଡ ସଦସ୍ୟଙ୍କ ଦ୍ୱାରା ଜାରି କରାଯାଇଥିବା କୌଣସି ଦେୟ ନିର୍ଦ୍ଦେଶ ପରବର୍ତୀ ସମୟରେ ଅଗ୍ରାହ୍ୟ କରାଯାଏ, ତେବେ କାର୍ଡ ସୁବିଧାଗୁଡିକୁ ସ୍ଥଗିତ / ବନ୍ଦ କରାଯାଇପାରେ ଏବଂ ଫି ଆଣ୍ଡ ଚାର୍ଜେସ ସୂଚୀରେ ଉଲ୍ଲେଖ କରାଯାଇଥିବା ଏକ ଶୁଳ୍କ ବ୍ୟାଙ୍କର ନିଜସ୍ୱ ବିବେଚନା ଅନୁଯାୟୀ କାର୍ଡ ଆକାଉଂଟ ଉପରେ ଲାଗୁ କରାଯିବ। ଏଭଳି ଏକ ଶୁଳ୍କ ପରିମାଣ ବ୍ୟାଙ୍କର ଏକାନ୍ତ ବିବେଚନାରେ ପରିବର୍ତନ ହୋଇପାରେ। ବ୍ୟାଙ୍କର ଯେକୌଣସି ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅଧିକାର ମଧ୍ୟ ରହିଛି।

(ଛ) ଫି ଆଣ୍ଡ ଚାର୍ଜେସ ସୂଚୀରେ ନିର୍ଦ୍ଦିଷ୍ଟ ଥିବା ସେବା ଶୁଳ୍କ ପ୍ରଦାନ ଉପରେ ନିର୍ଭର କରି ବ୍ୟାଙ୍କ ଦ୍ୱାରା କାର୍ଡ ସଦସ୍ୟଙ୍କୁ ଏଭଳି ଅନୁରୋଧ ପୂର୍ବରୁ କେବଳ ବାର ମାସ ପର୍ଯ୍ୟନ୍ତ ନକଲି ମାସିକ ଆକାଉଂଟ ଷ୍ଟେଟମେଂଟ ପ୍ରଦାନ କରାଯିବ ଏବଂ ଏହାକୁ ବ୍ୟାଙ୍କର ନିଜସ୍ୱ ବିବେଚନାରେ ପରିବର୍ତନ କରାଯାଇପାରିବ।

(ଜ) ଆପଣଙ୍କର ଯୋଗାଯୋଗ ଠିକଣା / ଇ-ମେଲ୍ ଠିକଣା / ମୋବାଇଲ୍ ନମ୍ବରରେ କୌଣସି ପରିବର୍ତନ ହେଲେ, ଆପଣଙ୍କୁ ନିୟମିତ ଏବଂ ସମୟସୀମା ମଧ୍ୟରେ ଷ୍ଟେଟମେଂଟ ପାଇବା ନିଶ୍ଚିତ କରିବା ପାଇଁ ତୁରନ୍ତ ବ୍ୟାଙ୍କ ସହିତ ଯୋଗାଯୋଗ କରି ଏହାକୁ ଅପଡେଟ୍ କରିବାକୁ ପରାମର୍ଶ ଦିଆଯାଉଛି।

(ଝ) କାର୍ଡ ଆକାଉଂଟ ପାଇଁ ଦେୟ ନିମ୍ନଲିଖିତ ଯେକୌଣସି ଉପାୟରେ କରାଯାଇପାରିବ:

୧. ଅଟୋ-ଡେବିଟ୍ ସୁବିଧା - ପ୍ରତି ମାସରେ ଆଇଡିବିଆଇ ବ୍ୟାଙ୍କକୁ ଆପଣଙ୍କର ସେଭିଙ୍ଗସ / କରେଂଟ ଆକାଉଂଟରୁ ସିଧାସଳଖ ମୋଟ ଦେୟା ରାଶି / ସର୍ବନିମ୍ନ ଦେୟ ରାଶି କାଟିବା ପାଇଁ ଅଧିକାର ଦେଇଥାଏ ଏବଂ ଆପଣଙ୍କ କାର୍ଡ ଆକାଉଂଟରେ ଅର୍ଥ ଜମା ହୋଇଥାଏ।

୨. ନେଟ୍ ବ୍ୟାଙ୍କିଂ - ଆଇଡିବିଆଇ ବ୍ୟାଙ୍କ ନେଟ୍ ବ୍ୟାଙ୍କିଂ ମାଧ୍ୟମରେ ଆପଣଙ୍କର ଆଇଡିବିଆଇ ବ୍ୟାଙ୍କ ସେଭିଙ୍ଗସ / କରେଂଟ ଆକାଉଂଟରୁ ସିଧାସଳଖ ଡେବିଟ୍ ମାଧ୍ୟମରେ କ୍ରେଡିଟ୍ କାର୍ଡ ପେମେଂଟ ପାଇଁ ପଇଠ କରନ୍ତୁ।

୩. ଏନଇଏଫଟି - ଆପଣଙ୍କର ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ବିଲ୍ ଅନଲାଇନରେ ପୈଠ କରିବା ପାଇଁ ଏନଇଏଫଟି ସୁବିଧା ପ୍ରଦାନ କରୁଥିବା ଅନ୍ୟ ବ୍ୟାଙ୍କ ଆକାଉଂଟ ବ୍ୟବହାର କରନ୍ତୁ। ଆଇଏଫଏସସି କୋଡ୍ "ଆଇବିକେଏଲ୦ଏନଇଏଫଟି୦୧" ବ୍ୟବହାର କରନ୍ତୁ ଏବଂ ବ୍ୟାଙ୍କକୁ "ଆଇଡିବିଆଇ ବ୍ୟାଙ୍କ ଲିମିଟେଡ୍" ଭାବରେ ଏବଂ କ୍ରେଡିଟ୍ କାର୍ଡ ନମ୍ବରକୁ ବେନିଫିସିଆରୀ ଆକାଉଂଟ ନମ୍ବର ଭାବରେ ଅନ୍ତର୍ଭୁକ୍ତ କରନ୍ତୁ।

୪. ଚେକ୍ / ଡ୍ରାଫ୍ଟ - "ଆଇଡିବିଆଇ ବ୍ୟାଙ୍କ ଶାଖା ଏବଂ ଏଟିଏମରେ ରଖାଯାଇଥିବା ଯେକୌଣସି ଆଇଡିବିଆଇ ବ୍ୟାଙ୍କ ଡ୍ରପ୍ ବାକ୍ସରେ ଆପଣଙ୍କର ଚେକ୍ / ଡ୍ରାଫ୍ଟ ପକାନ୍ତୁ। ଚେକ୍ / ଡ୍ରାଫ୍ଟକୁ ଆଇଡିବିଆଇ ବ୍ୟାଙ୍କ କାର୍ଡ ନମ୍ବର ଙଙଙଙ-ଙଙଙଙ-ଙଙଙଙ-ଙଙଙଙ (କାର୍ଡରେ ଲେଖାଥିବା ନାମ) ରେ ପଇଠ କରାଯିବା ଉଚିତ ।

୫. ନଗଦ - ଯେକୌଣସି ଆଇଡିବିଆଇ ବ୍ୟାଙ୍କ ଶାଖାକୁ ଯାଆନ୍ତୁ ଏବଂ ପେ-ଇନ୍ ସ୍ଲିପରେ କାର୍ଡ ନମ୍ବର, ରାଶି ଏବଂ କଂଟାକ୍ଟ ନମ୍ବର ଉଲ୍ଲେଖ କରି କ୍ରେଡିଟ୍ କାର୍ଡ ଦେୟ ପୈଠ କରନ୍ତୁ।

୬. ଆଇପେ - ଅନ୍ୟ ବ୍ୟାଙ୍କ ଆକାଉଂଟରୁ ସିଧାସଳଖ ଆପଣଙ୍କ କାର୍ଡ ଆକାଉଂଟରେ ଅନଲାଇନରେ ଦେୟ ପୈଠ କରନ୍ତୁ।

୭. ଭିସା ମନି ଟ୍ରାନ୍ସଫର - ଭିସା ଫ୍ରାଂଚାଇଜି କ୍ରେଡିଟ୍ କାର୍ଡ କ୍ଷେତ୍ରରେ, ଭିସା ମନି ଟ୍ରାନ୍ସଫରର ବ୍ୟବହାର କରି ଅନ୍ୟ ବ୍ୟାଙ୍କ ଆକାଉଂଟ ମାଧ୍ୟମରେ ଅନଲାଇନରେ ଦେୟ ପୈଠ କରନ୍ତୁ। ଭିସା ମନି ଟ୍ରାନ୍ସଫର ପାଇଁ ଫି ଆରମ୍ଭକାରୀ ବ୍ୟାଙ୍କ ଦ୍ୱାରା ଆଦାୟ କରାଯାଇପାରେ।

ଟିପ୍ପଣୀ: କାର୍ଡଧାରକମାନଙ୍କୁ ପେମେଂଟ ଦେୟ ତାରିଖରେ/ ପୂର୍ବରୁ ପେମେଂଟ କ୍ରେଡିଟ ନିଶ୍ଚିତ କରିବା ପାଇଁ ପେମେଂଟ ଦେୟ ତାରିଖ ପୂର୍ବରୁ ଦେୟ ପଇଠ କରିବା ପାଇଁ ପରାମର୍ଶ ଦିଆଯାଉଛି। କାର୍ଡଧାରକମାନଙ୍କୁ ଉପରୋକ୍ତ ନିର୍ଦ୍ଦିଷ୍ଟ ପଦ୍ଧତି ମାଧ୍ୟମରେ ସେମାନଙ୍କର କ୍ରେଡିଟ୍ କାର୍ଡ ଦେୟ ପୈଠ କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟ ପଦ୍ଧତି/ଚ୍ୟାନେଲ୍ ମାଧ୍ୟମରେ କରାଯାଇଥିବା ଦେୟ, ଯାହା ଆଇଡିବିଆଇ ବ୍ୟାଙ୍କ ସହିତ ଜଡିତ ନଥିବା କୌଣସି ତୃତୀୟ ପକ୍ଷ ଆପ୍ ମଧ୍ୟରେ ସୀମିତ ନୁହେଁ, ତାହାର କ୍ଲିୟରାନ୍ସ ପାଇଁ ଏକ ଉଚ୍ଚ ଟିଏଟି ରହିପାରେ। ଯଦି ନିର୍ଦ୍ଧାରିତ ତାରିଖ ସୁଦ୍ଧା ପାଣ୍ଠି ଗ୍ରହଣ ନହୁଏ ତେବେ କାର୍ଡ ଭାରିଆଂଟ ଉପରେ ପ୍ରଯୁଜ୍ୟ ଚାର୍ଜ ଲାଗୁ ହେବ। ଅଣସଂଯୋଜିତ ଚ୍ୟାନେଲ ମାଧ୍ୟମରେ କରାଯାଇଥିବା କାର୍ଡରେ କରାଯାଇଥିବା ପେମେଂଟର ବିଳମ୍ବ/ଅଣପ୍ରତିଫଳନରୁ ସୃଷ୍ଟି ହେଉଥିବା ଯେକୌଣସି ପ୍ରଶ୍ନ ପାଇଁ, ଗ୍ରାହକ ସିଧାସଳଖ ସମ୍ପୃକ୍ତ ଚ୍ୟାନେଲ ସହିତ ଯୋଗାଯୋଗ କରିପାରିବେ।

(ଞ) ବିଲିଂ ବିବାଦ: ଯଦି କାର୍ଡ ସଦସ୍ୟ ଷ୍ଟେଟମେଂଟ ତାରିଖର ୬୦ ଦିନ ମଧ୍ୟରେ ଆଇଡିବିଆଇ ବ୍ୟାଙ୍କକୁ ଲିଖିତ ଭାବରେ ତ୍ରୁଟି ସମ୍ପର୍କରେ ଅବଗତ ନକରନ୍ତି ତେବେ ଷ୍ଟେଟମେଂଟର ସମସ୍ତ ବିଷୟବସ୍ତୁ ସଠିକ୍ ଏବଂ ଗ୍ରହଣୀୟ ବୋଲି ବିଚାର କରାଯିବ:

ଟା ଡାକ ଦ୍ୱାରା: ପରିଚାଳକ, ଆଇଡିବିଆଇ ବ୍ୟାଙ୍କ ଲିମିଟେଡ୍, ସିପିୟୁ - କ୍ରେଡିଟ୍ କାର୍ଡ ବିଭାଗ, ଆଇଡିବିଆଇ ବିଲ୍ଡିଂ, ତୃତୀୟ ମହଲା, ପ୍ଲଟ୍ ନମ୍ବର: ୩୯/୪୦/୪୧, ସେକ୍ଟର-୧୧, ସିବିଡି-ବେଲାପୁର, ନଭି ମୁମ୍ବାଇ, ପିନ୍-୪୦୦୬୧୪।

ଟା ଇମେଲ୍ ଦ୍ୱାରା: ମଙ୍କସ୍ଟୱସ୍କ୍ରଞରକ୍ସମବକ୍ସରଅସୟଭସ.ମକ୍ଟ.ସଭ

ଏଭଳି ସୂଚନା ପାଇବା ପରେ, ଆଇଡିବିଆଇ ବ୍ୟାଙ୍କ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ଚାର୍ଜକୁ ପ୍ରତ୍ୟାହାର କରିପାରେ। ଯଦି ପରବର୍ତ୍ତୀ ତଦନ୍ତ ସମାପ୍ତ ହେବା ପରେ, ଏଭଳି ଚାର୍ଜର ଦାୟିତ୍ୱ କାର୍ଡ ସଦସ୍ୟଙ୍କ ଆକାଉଂଟ ଉପରେ ଥାଏ, ତେବେ ସମ୍ବନ୍ଧିତ ପୁନରୁଦ୍ଧାର ଅନୁରୋଧ ଶୁଳ୍କ ସହିତ ପରବର୍ତ୍ତୀ ଷ୍ଟେଟମେଂଟରେ ଚାର୍ଜକୁ ପୁନଃସ୍ଥାପିତ କରାଯିବ।

(ଟ) ଯୋଗାଯୋଗ ବିବରଣୀ: କାର୍ଡ ସଦସ୍ୟ ଯେକୌଣସି ପ୍ରଶ୍ନ ପଚାରିବା ପାଇଁ କିମ୍ବା କୌଣସି ଅଭିଯୋଗର ସମାଧାନ ପାଇଁ ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡକୁ ଯୋଗାଯୋଗ କରିପାରିବେ:

୨୪ ଘଂଟା କ୍ରେଡିଟ୍ କାର୍ଡ ଗ୍ରାହକ ସେବା -

୧୮୦୦-୨୦୯-୪୩୨୪ / ୧୮୦୦-୨୨-୧୦୭୦ (ଟୋଲ୍ ଫ୍ରି) / ୦୨୨ ୬୭୭୧୯୧୦୦ (ଟୋଲ୍ ଫ୍ରି ନୁହେଁ)

ପୋଷ୍ଟ ଦ୍ୱାରା - ପରିଚାଳକ, ଆଇଡିବିଆଇ ବ୍ୟାଙ୍କ ଲିମିଟେଡ୍, ସିପିୟୁ - କ୍ରେଡିଟ୍ କାର୍ଡ ଡିଭିଜନ, ଆଇଡିବିଆଇ ବିଲ୍ଡିଂ, ତୃତୀୟ ମହଲା, ପ୍ଲଟ୍ ନମ୍ବର: ୩୯/୪୦/୪୧, ସେକ୍ଟର-୧୧, ସିବିଡି-ବେଲାପୁର, ନଭି ମୁମ୍ବାଇ, ପିନ୍-୪୦୦୬୧୪।

ଇମେଲ ମାଧ୍ୟମରେ - ମଙ୍କଗ୍ଦ୍ୱବ୍ଲକ୍ଷରକ୍ସମବକ୍ସରଅସୟଭସ.ମକ୍ଟ.ସଭ

୪. ଡିଫଲ୍ଟ ଏବଂ ପରିସ୍ଥିତି

ଟା ଯଦି କାର୍ଡ ସଦସ୍ୟ ବିଲିଂ ଷ୍ଟେଟମେଂଟରେ ଉଲ୍ଲେଖିତ ଧାର୍ଯ୍ୟ ତାରିଖ ସୁଦ୍ଧା ସର୍ବନିମ୍ନ ଦେୟ ରାଶି ପୈଠ କରିବାରେ ବିଫଳ ହୁଅନ୍ତି, ତେବେ ଏହାକୁ ଓଭର-ଡ୍ୟୁ ଭାବରେ ବିଚାର କରାଯିବ। ଏଭଳି ସ୍ଥିତି, ଯଦି କାର୍ଡ ସଦସ୍ୟ ପରବର୍ତୀ ବିଲିଂ ତାରିଖ ସୁଦ୍ଧା ମଧ୍ୟ ଦେୟ ପଇଠ ନ କରନ୍ତି, ତେବେ ବ୍ୟାଙ୍କ ଡିଫଲ୍ଟ ରିପୋର୍ଟକୁ କ୍ରେଡିଟ୍ ଇନ୍‌ଫର୍ମେଶନ ବ୍ୟୁରୋ କିମ୍ବା ଆଇନ ଦ୍ୱାରା ଅନୁମୋଦିତ ଏଭଳି ଅନ୍ୟ ଏଜେନ୍ସିକୁ ପଠାଇ ପାରିବ। ଦୁଇଟି ବିଲିଂ ତାରିଖ ମଧ୍ୟର ଅବଧିକୁ ଜଣେ କାର୍ଡ ସଦସ୍ୟଙ୍କୁ ଡିଫଲ୍ଟର ଭାବରେ ରିପୋର୍ଟ କରିବା ପାଇଁ ନୋଟିସ୍ ଅବଧି ଭାବରେ ବିଚାର କରାଯାଇଥାଏ।

ଟା କାର୍ଡଧାରକ ଚୁକ୍ତିନାମା/ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ନିୟମ ଏବଂ ସର୍ତାବଳୀର କୌଣସି ଧାରା ସହିତ ଅସଙ୍ଗତ ଥିବା ସତ୍ତ୍ୱେ ଏହା ନିର୍ଦ୍ଧାରଣ କରାଯାଇଛି କରାଯାଇଛି ଯେ ଯଦି କାର୍ଡଧାରକ ୯୦ ଦିନ ପାଇଁ ସର୍ବନିମ୍ନ ପ୍ରାପ୍ୟ ରାଶି ପ୍ରଦାନ ନ କରନ୍ତି, ତେବେ ଚୁକ୍ତିନାମା ଅନୁଯାୟୀ ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା କ୍ରେଡିଟ୍ କାର୍ଡ ସେବା ସମାପ୍ତ ହୋଇଯିବ, ତେବେ କାର୍ଡ଼ଧାରକ ୯୦ ଦିନ ପର୍ଯ୍ୟନ୍ତ ଯେକୌଣସି ଅପରିଶୋଧିତ ରାଶି ଏବଂ ଯେକୌଣସି ଆର୍ôଥକ ଶୁଳ୍କ/ବିଳମ୍ବିତ ଦେୟ ସୁଧ ପାଇଁ ଦାୟୀ ରହିବେ ଯାହାକୁ ଆଇଡିବିଆଇ ବ୍ୟାଙ୍କ ନିଜସ୍ୱ ବିବେଚନା ଓ ବିକଳ୍ପରେ ଏବଂ ନିଜର ବିଭିନ୍ନ ଆଭ୍ୟନ୍ତରୀଣ ନୀତି ଏବଂ ପ୍ରକ୍ରିୟା ଅନୁଯାୟୀ, ଦେୟ ତାରିଖ ପରେ ୯୦ ଦିନ ଅବଧି ପାଇଁ ଆଦାୟ କରିପାରିବ।

ଟା କାର୍ଡଧାରକ ଚୁକ୍ତିନାମାର ସହମତ ସର୍ତାବଳୀ ଅନୁଯାୟୀ / ଦେୟ ତାରିଖ ଉପରେ କାର୍ଡର ଦେୟ ପଇଠ କରାଯିବା ପାଇଁ ଆଶା କରାଯାଉଛି। ଏଥିରେ ଡିଫଲ୍ଟ ହେଲେ, କାର୍ଡଧାରକଙ୍କୁ ପୋଷ୍ଟ, ଫ୍ୟାକ୍ସ, ଟେଲିଫୋନ୍, ଇ-ମେଲ୍, ଏସଏମଏସ ମେସେଜିଂ ଏବଂ / କିମ୍ବା ମନେ ପକାଇବା, ଅନୁସରଣ କରିବା ଏବଂ ଦେୟ ସଂଗ୍ରହ କରିବା ଉଦ୍ଦେଶ୍ୟରେ ନିଯୁକ୍ତ କରାଯାଇଥିବା ୩ୟ ପକ୍ଷ ମାଧ୍ୟମରେ ସମୟ ସମୟରେ କ୍ରେଡିଟ୍ କାର୍ଡ ଆକାଉଂଟରେ ଯେକୌଣସି ବକେୟା ଦେୟ ପାଇଁ ରିମାଇଣ୍ଡର ପଠାଯିବ। ଏଭଳି ଭାବେ ନିଯୁକ୍ତ ଯେକୌଣସି ତୃତୀୟ ପକ୍ଷ, ଋଣ ସଂଗ୍ରହ ଉପରେ ଇଣ୍ଡିଆନ୍ ବ୍ୟାଙ୍କସ୍ ଆସୋସିଏସନ୍ (ଆଇବିଏ) ଆଚରଣ ସଂହିତାର ପାଳନ କରିବେ। ଯଦି ବ୍ୟାଙ୍କ କାର୍ଡ ସଦସ୍ୟଙ୍କ ସହିତ ଯୋଗାଯୋଗ କରିବାରେ ଅସମର୍ଥ ହୁଏ, ତେବେ ବାସଭବନ/କାର୍ଯ୍ୟାଳୟ/ଫୋନରେ ଉପଲବ୍ଧ ପତି/ପତ୍ନୀ/ପରିବାର / ଅନ୍ୟ ପ୍ରତ୍ୟକ୍ଷ ବୟସ୍କ ପରିବାର ସଦସ୍ୟ/ସଚିବ/ଆକାଉଂଟାଂଟ) ଭଳି ତୃତୀୟ ପକ୍ଷଙ୍କ ନିକଟରେ ଏକ ବାର୍ତା ଛାଡିଯାଇପାରେ।

କାର୍ଡଧାରକଙ୍କ ମୃତ୍ୟୁ କ୍ଷେତ୍ରରେ ଦେୟ ଆଦାୟ:

ଟା ସମସ୍ତ ବକେୟା ରାଶି (ବିଲ୍ ହୋଇନଥିବା ଟ୍ରାଞ୍ଜାକ୍ସନ ସମେତ) ତୁରନ୍ତ ଆଇଡିବିଆଇ ବ୍ୟାଙ୍କକୁ ପଇଠ କରାଯିବ।

ଟା ଆଇଡିବିଆଇ ବ୍ୟାଙ୍କ କାର୍ଡଧାରକଙ୍କ ସମ୍ପତିରୁ ମୋଟ ବକେୟା ରାଶି ଆଦାୟ କରିବା ପାଇଁ ହକ୍‌ଦାର ହେବ।

ଟା ଭାରତୀୟ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ଆମେ ମାସିକ ଆଧାରରେ ଆମର କ୍ରେଡିଟ୍ କାର୍ଡଧାରକଙ୍କ ସମ୍ପର୍କିତ କ୍ରେଡିଟ୍ ଇନ୍‌ଫର୍ମେଶନ ବ୍ୟୁରୋ (ଇଣ୍ଡିଆ) ଲିମିଟେଡ୍ (ସିଆଇବିଆଇଏଲ)କୁ ପ୍ରଦାନ କରିଥାଉ। ପ୍ରଦାନ କରାଯାଇଥିବା ସୂଚନା ପୂର୍ବ ମାସ ଶେଷରେ ସ୍ଥିତିକୁ ପ୍ରତିଫଳିତ କରେ ଏବଂ କ୍ରେଡିଟ୍ କାର୍ଡ ଆକାଉଂଟ ନିୟମିତ କିମ୍ବା ଅପରାଧୀ କି ନାହିଁ ସେ ସମ୍ବନ୍ଧୀୟ

ସୂଚନା ଅନ୍ତର୍ଭୁକ୍ତ କରେ। କ୍ରେଡିଟ୍ କାର୍ଡ ଆକାଉଂଟରେ ପେମେଂଟ ଦେୟ ତାରିଖରୁ ୩ ଦିନର ଗ୍ରେସ୍ ଡେ ଅନୁମତି ଦିଆଯାଇଛି, ଯେଉଁଠାରେ ପେମେଂଟ ଓଭର ଡ୍ୟୁ ହୋଇନଥାଏ। କ୍ରେଡିଟ୍ କାର୍ଡ ଷ୍ଟେଟମେଂଟରେ ଉଲ୍ଲେଖ କରାଯାଇଥିବା ଦେୟ ତାରିଖ ହେଉଛି ସେହି ତାରିଖ ଯେଉଁ ତାରିଖରେ ସ୍ୱଷ୍ଟ ପାଣ୍ଠି କ୍ରେଡିଟ୍ କାର୍ଡରେ ଜମା କରାଯିବା ଆବଶ୍ୟକ, ତେବେ ପେମେଂଟ ପ୍ରକ୍ରିୟାକରଣ ସମୟ ପାଇଁ ୩ଟି ଗ୍ରେସ୍ ଡେ ପ୍ରଦାନ କରାଯାଇଛି। ବ୍ୟାଙ୍କ ଏକ କ୍ରେଡିଟ୍ କାର୍ଡ ଆକାଉଂଟକୁ କ୍ରେଡିଟ୍ ଇନ୍‌ଫର୍ମେଶନ କମ୍ପାନୀ (ସିଆଇସି)ନିକଟରେ 'ପାଷ୍ଟ ଡ୍ୟୁ' ଭାବରେ ରିପୋର୍ଟ କରିବ ଏବଂ ଯଦି ଏକ କ୍ରେଡିଟ୍ କାର୍ଡ ଆକାଉଂଟ ୩ ଦିନରୁ ଅଧିକ ସମୟ ପାଇଁ 'ପାଷ୍ଟ ଡ୍ୟୁ' ରହିଥାଏ ତେବେ ବିଳମ୍ବ ଦେୟ ଶୁଳ୍କ ଆଦାୟ କରିବ। ତେବେ ପାଷ୍ଟ ଡ୍ୟୁ ଦିନ ସଂଖ୍ୟା ଏବଂ ବିଳମ୍ବ ଦେୟ ଶୁଳ୍କ ସଂଖ୍ୟା କ୍ରେଡିଟ୍ କାର୍ଡ ଷ୍ଟେଟମେଂଟରେ ଉଲ୍ଲେଖିତ ଦେୟ ଶୁଳ୍କ ତାରିଖରୁ ଗଣନା କରାଯିବ। ଯଦି ଏକ କ୍ରେଡିଟ୍ କାର୍ଡ ଆକାଉଂଟ ଏଭଳି ରିପୋର୍ଟିଂ ତାରିଖ ଅନୁସାରେ ଅପରାଧୀ ହୁଏ ଏବଂ ଆକାଉଂଟକୁ ପରବର୍ତ୍ତୀ ସମୟରେ ନିୟମିତ କରାଯାଏ, ତେବେ ଆକାଉଂଟର ସ୍ଥିତିକୁ କେବଳ ପରବର୍ତ୍ତୀ ମାସିକ ରିପୋର୍ଟିଂ ସମୟରେ ସମ୍ଭାବ୍ୟ ରୁପେ ଅପଡେଟ୍ କରାଯିବ। ସିଆଇବିଆଇଏଲ ଅନୁଯାୟୀ, ଗ୍ରାହକଙ୍କ ସ୍ଥିତିରେ ସମସ୍ତ ପରିବର୍ତ୍ତନ ସର୍ବାଧିକ ୩୦ ଦିନ ମଧ୍ୟରେ ଅପଡେଟ୍ କରାଯାଏ। ସିଆଇବିଆଇଏଲ ସହିତ କୌଣସି ପ୍ରତିକୂଳ କ୍ରେଡିଟ୍ ଇତିହାସକୁ ଏଡାଇବା ପାଇଁ, କ୍ରେଡିଟ୍ କାର୍ଡଧାରକମାନେ ନିଶ୍ଚିତ କରିବା ଉଚିତ ଯେ ସେମାନେ ପେମେଂଟ ଦେୟ ତାରିଖ କିମ୍ବା ତାହା ପୂର୍ବରୁ କାର୍ଡ ଆକାଉଂଟରେ ବକେୟା ରାଶିର ସମୟାନୁସାରେ ପେମେଂଟ କରିବେ।

ଟ।   ଏସଏମଏ ଓ ଏନପିଏ

(କ) ସ୍ପେଶାଲ ମେନଶନ ଆକାଉଂଟ (ଏସଏମଏ):

ନିୟାମକୀୟ ଆବଶ୍ୟକତାକୁ ଆଗକୁ ବଢ଼ାଇବା ପାଇଁ, ଆଇଡିବିଆଇକୁ ଏସଏମଏ୦,ଏସଏମଏ ୧ ଓ ଏସଏମଏ ୨ ଭଳି ଉପବର୍ଗଗୁଡିକ ସହିତ 'ସ୍ପେଶାଲ ମେନ୍‌ଶନ ଆକାଉଂଟ (ଏସଏମଏ) ଭଳି ଏକ ଏକ ଉପ-ସମ୍ପତି ବର୍ଗ ସୃଷ୍ଟି କରି ଆକାଉଂଟରେ ପ୍ରାରମ୍ଭିକ ଚାପକୁ ଚିହ୍ନଟ କରିବାକୁ ପଡିବ।

(ଖ) ନନ୍ ପର୍‌ଫର୍ମିଙ୍ଗ ଆସେଟ (ଏନପିଏ):

ଏକ କ୍ରେଡିଟ୍ କାର୍ଡ ଆକାଉଂଟକୁ ଅଣ-ପ୍ରଦର୍ଶନକାରୀ ସମ୍ପତି ବା ନନ୍ ପର୍‌ଫର୍ମିଙ୍ଗ ଆସେଟ (ଏନପିଏ) ଭାବରେ ବିବେଚନା କରାଯିବ ଯଦି ଷ୍ଟେଟମେଂଟରେ ଉଲ୍ଲେଖ କରାଯାଇଥିବା ସର୍ବନିମ୍ନ ଦେୟ ରାଶି, ଷ୍ଟେଟମେଂଟରେ ଉଲ୍ଲେଖିତ ପିଡିଡିରୁ ୯୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ପରିଶୋଧ କରାଯାଇନଥିବ। ଏହାବ୍ୟତୀତ, ଯେକୌଣସି ଆକାଉଂଟ ଯେଉଁଠାରେ ଏକ ସମାଧାନ କିମ୍ବା ପୁନର୍ଗଠନ ବ୍ୟବସ୍ଥା ଗ୍ରହଣ କରାଯାଇଛି ତାହାକୁ ଏନପିଏ ଭାବରେ ବର୍ଗୀକୃତ କରାଯିବ। ସମ୍ପୂର୍ଣ୍ଣ ବକେୟା ସୁଧ ଏବଂ ମୂଳ ଦେୟ ପରିଶୋଧ ନହେବା ପର୍ଯ୍ୟନ୍ତ ଏକ ଆକାଉଂଟକୁ ଏନପିଏ ଭାବରେ ବର୍ଗୀକୃତ କରାଯିବ।

ସେଟେଲମେଂଟ ଏବଂ ପୁନର୍ଗଠିତ ଆକାଉଂଟଗୁଡ଼ିକ ଅପଗ୍ରେଡ୍ ପାଇଁ ଯୋଗ୍ୟତା ଅର୍ଜନ କରନ୍ତି ନାହିଁ।

ଏସଏମଏ ଉପ-ବର୍ଗ   ବର୍ଗୀକରଣର ଆଧାର (ମୂଳଧନ କିମ୍ବା ସୁଧ ପୈଠ କିମ୍ବା ଅନ୍ୟ କୌଣସି ରାଶି ସମ୍ପୂର୍ଣ୍ଣ ବା ଆଂଶିକ ଭାବେ ବକେୟା ଥିଲେ)

ଏସଏମଏ -୦   ପିଡିଡି ଠାରୁ ୩୦ ଦିନ ପର୍ଯ୍ୟନ୍ତ

ଏସଏମଏ -୧   ପିଡିଡି ଠାରୁ ୩୦ ଦିନରୁ ଅଧିକ ଏବଂ ୬୦ ଦିନ ପର୍ଯ୍ୟନ୍ତ

ଏସଏମଏ -୨୧   ପିଡିଡି ଠାରୁ ୬୦ ଦିନରୁ ଅଧିକ ଏବଂ ୯୦ ଦିନ ପର୍ଯ୍ୟନ୍ତ

ଦୃଷ୍ଟାନ୍ତମୂଳକ ଉଦାହରଣ:

ଯଦି ଏକ କ୍ରେଡିଟ୍ କାର୍ଡ ଆକାଉଂଟର ଦେୟ ତାରିଖ ମାର୍ଚ୍ଚ ୩୧, ୨୦୨୧ ଅଟେ ଏବଂ ଏହି ତାରିଖ ପାଇଁ ବ୍ୟାଙ୍କର ଦିନ-ଶେଷ ପ୍ରକ୍ରିୟା (ଡେ-ଏଣ୍ଡ୍ ପ୍ରୋସେସ) ପୂର୍ବରୁ ସମ୍ପୂର୍ଣ୍ଣ ବକେୟା ରାଶି ପ୍ରାପ୍ତ ନହୁଏ, ତେବେ ବକେୟା ତାରିଖ (ଡେଟ୍ ଅଫ୍ ଓଭରଡ୍ୟୁ) ମାର୍ଚ୍ଚ ୩୧, ୨୦୨୧ ବୋଲି ଧରାଯିବ। ଯଦି ଏହା କ୍ରମାଗତ ଭାବେ ବକେୟା ରହେ, ତେବେ ଏପ୍ରିଲ୍ ୩୦, ୨୦୨୧ରେ ଦିନ-ଶେଷ ପ୍ରକ୍ରିୟା ଶେଷ ହେବା ପରେ (ଅର୍ଥାତ୍ କ୍ରମାଗତ ୩୦ ଦିନ ବକେୟା ପୂରଣ ହେବା ପରେ) ଏହି କାର୍ଡ ଆକାଉଂଟକୁ ଏସଏମଇ-୧ ଭାବରେ ଚିହ୍ନିତ କରାଯିବ। ଏହା ଅନୁଯାୟୀ ଉକ୍ତ କାର୍ଡ ଆକାଉଂଟ ପାଇଁ ଏସଏମଇ-୧ ବର୍ଗୀକରଣ ଏପ୍ରିଲ ୩୦ ତାରିଖ ୨୦୨୧ ହେବ। ସମାନ ରୂପେ ଯଦି କାର୍ଡ ଆକାଉଂଟଟି ଓଭରଡ୍ୟୁ ରହିଥାଏ, ତେବେ ଏହାକୁ ମେ ୩୦, ୨୦୨୧ରେ ଦିନ-ଶେଷ ପ୍ରକ୍ରିୟା ପରେ ଏସଏମଏ-୨ ଭାବରେ ଟ୍ୟାଗ କରାଯିବ। ଯଦି ଏହା ଆହୁରି ଅଧିକ ସମୟ ପର୍ଯ୍ୟନ୍ତ ଓଭରଡ୍ୟୁ ରୁହେ ତେବେ ଏହାକୁ ଜୁନ୍ ୨୯, ୨୦୨୧ରେ ଦିନ-ଶେଷ ପ୍ରକ୍ରିୟା ପରେ ଏନପିଏ (ନନ୍-ପର୍‌ଫର୍ମିଙ୍ଗ ଆସେଟ) ଭାବରେ ବର୍ଗୀକୃତ କରାଯିବ।

ବକେୟା ଦିନ	ବର୍ଗୀକରଣ ତାରିଖ	ବର୍ଗୀକରଣ ସ୍ଥିତି
ଉପଲବ୍ଧ ନାହିଁ	ମାର୍ଚ୍ଚ ୩୦, ୨୦୨୧	ଷ୍ଟାଣ୍ଡାର୍ଡ
୧	ମାର୍ଚ୍ଚ ୩୧, ୨୦୨୧	ଏସଏମଏ-୦
୩୧	ଏପ୍ରିଲ ୩୦,୨୦୨୧	ଏସଏମଏ -୧
୬୧	ମେ ୩୦, ୨୦୨୧	ଏସଏମଏ -୨
୯୧	ଜୁନ ୨୯,୨୦୨୧	ଏନପିଏ

କ୍ରେଡିଟ୍ କାର୍ଡ ସୁବିଧା ପାଇଁ ଥିବା ନିୟମ ଓ ସର୍ତାବଳୀ ଅତିରିକ୍ତ ବା ସପ୍ଲିମେଂଟାରୀ / ଆଡ୍-ଅନ୍ କାର୍ଡଧାରୀଙ୍କ ପାଇଁ ମଧ୍ୟ ଲାଗୁ ହେବ।

୫. ଲିଏନ୍ ଅଧିକାର (ରାଇଟ ଅଫ୍ ଲିଏନ)

ଯଦି ବ୍ୟାଙ୍କ ଦ୍ୱାରା ଦାବି କରାଯିବା ପରେ କାର୍ଡ ଆକାଉଂଟର ବକେୟା ରାଶି ନିର୍ଦ୍ଧାରିତ ସମୟ ମଧ୍ୟରେ ପରିଶୋଧ ନକରାଯାଏ, ତେବେ ବ୍ୟାଙ୍କ ଯେକୌଣସି ସମୟରେ ଏବଂ ବିନା କୌଣସି ସୂଚନାରେ, କାର୍ଡଧାରୀ ଏବଂ/କିମ୍ବା ଆଡ୍-ଅନ୍ କାର୍ଡଧାରୀଙ୍କର ବ୍ୟାଙ୍କରେ ଥିବା ଯେକୌଣସି ଆକାଉଂଟ କିମ୍ବା ହେପାଜତରେ ଜମା ଥିବା ସମସ୍ତ ଅର୍ଥ ଉପରେ ‘ଲିଏନ୍' ଏବଂ ‘ସେଟ୍-ଅଫ୍' (କାଟି ରଖିବାର) ଅଧିକାର ସାବ୍ୟସ୍ତ କରିପାରିବ।

୬. କାର୍ଡ ସଦସ୍ୟତା ରଦ୍ଦ/ ପ୍ରତ୍ୟାହାର (ଟର୍ମିନେଶନ/ ରିଭୋକେଶନ ଅଫ୍ ଦ କାର୍ଡ ମେମ୍ବରସିପ)

(କ) କାର୍ଡଧାରୀ ଯେକୌଣସି ସମୟରେ ଆଇଡିବିଆଇ ବ୍ୟାଙ୍କକୁ ନିମ୍ନଲିଖିତ ଠିକଣାରେ ଲିଖିତ ଆକାରରେ ଜଣାଇ ନିଜର କାର୍ଡ ସଦସ୍ୟତା ରଦ୍ଦ କରିପାରିବେ: “ମ୍ୟାନେଜର, ଆଇଡିବିଆଇ ବ୍ୟାଙ୍କ ଲିମିଟେଡ୍, ସିପିୟୁ- କ୍ରେଡିଟ୍ କାର୍ଡସ୍ ଡିଭିଜନ୍, ଆଇଡିବିଆଇ ବିଲ୍ଡିଂ, ତୃତୀୟ ମହଲା, ପ୍ଲଟ୍ ନମ୍ବର: ୩୯/୪୦/୪୧, ସେକ୍ଟର-୧୧, ସିବିଡି-ବେଲାପୁର, ନଭି ମୁମ୍ବାଇ, ପିନ୍-୪୦୦୬୧୪”। ଏଥିସହିତ କାର୍ଡଗୁଡ଼ିକୁ (ଡାଇଗୋନାଲି) ଖଣ୍ଡ ଖଣ୍ଡ କରି କାଟି ପଠାଇବାକୁ ହେବ। ଏହି ଲିଖିତ ଅନୁରୋଧ କିମ୍ବା ମଙ୍କଗ୍ଦ୍ଦ୍ଦୁକ୍ଷଙ୍ଗରକ୍ସମବକ୍ସରଅସୟଭସ.ମକ୍କ.ସଭ ରେ ପଠାଯାଇଥିବା ଇମେଲ୍ ଆଧାରରେ ଆଡ୍-ଅନ୍ କାର୍ଡ ସମେତ ସମସ୍ତ କାର୍ଡକୁ ରଦ୍ଦ କରାଯିବ। କ୍ରେଡିଟ୍ କାର୍ଡ ସହିତ ସଂଯୁକ୍ତ ଥିବା ସମସ୍ତ ବକେୟା ରାଶି ଏବଂ ରଣ/ଇଏମଆଇ ସୁବିଧା (ଯଦି ନିଆଯାଇଥାଏ)

ତୁରନ୍ତ ପରିଶୋଧ ଯୋଗ୍ୟ ହୋଇଯିବ। କାର୍ଡ ଆକାଉଂଟର ସମସ୍ତ ବକେୟା ରାଶି ପୈଠ କରିବା ପରେ ହିଁ ଏହି ରଦ୍ଦୀକରଣ ପ୍ରଭାବୀ ହେବ। କୌଣସି ବାର୍ଷିକ, ଯୋଗଦାନ (ଜଏନିଂ) କିମ୍ବା ନବୀକରଣ (ରିନେୱାଲ) ଫିସ୍ ଆନୁପାତିକ ଭିତିରେ ଫେରସ୍ତ କରାଯିବ ନାହିଁ।

(ଖ) ଯଦି କାର୍ଡ ବ୍ୟବହାରରେ ବ୍ୟାଙ୍କ କୌଣସି ଅସ୍ୱାଭାବିକ ଏବଂ ଅସାଧାରଣ ନେଣଦେଣ (ଟ୍ରାଞ୍ଜାକ୍ସନ୍) ପ୍ରକ୍ରିୟା ଲକ୍ଷ୍ୟ କରେ, ତେବେ କାର୍ଡ ଟ୍ରାଞ୍ଜାକ୍ସନର ଯଥାର୍ଥତା (ସତ୍ୟତା) ଯାଂଚ କରିବା ପାଇଁ ବ୍ୟାଙ୍କ ଏହାର ରେକର୍ଡରେ ଉପଲବ୍ଧ ଗ୍ରାହକଙ୍କ ପଞ୍ଜୀକୃତ ଫୋନ୍ ନମ୍ବରରେ ଗ୍ରାହକଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିବ। ଯଦି ବ୍ୟାଙ୍କ ଗ୍ରାହକଙ୍କ ସହିତ ଯୋଗାଯୋଗ କରିବାରେ ବିଫଳ ହୁଏ, ଏବଂ ବ୍ୟାଙ୍କ ଯଦି କାର୍ଡଧାରୀଙ୍କ ସ୍ୱାର୍ଥରେ ଏବଂ/କିମ୍ବା ସୁରକ୍ଷା କାରଣରୁ ଏହା ଆବଶ୍ୟକ ବୋଲି ଯୁକ୍ତିଯୁକ୍ତ ଭାବରେ ବିଶ୍ୱାସ କରେ, ତେବେ ବ୍ୟାଙ୍କ ବିନା କୌଣସି ଆଗୁଆ ସୂଚନାରେ କାର୍ଡର ବ୍ୟବହାରକୁ ସୀମିତ କିମ୍ବା ରଦ୍ଦ କରିପାରିବ। ଯଦି କାର୍ଡ ସଦସ୍ୟ ବକେୟା ଦେୟ ପୈଠ କରିବାରେ ଖିଲାପ କରନ୍ତି କିମ୍ବା ପ୍ରଦାନ କରାଯାଇଥିବା କ୍ରେଡିଟ୍ ଲିମିଟ୍ ଅତିକ୍ରମ କରନ୍ତି, ତେବେ ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସୁବିଧାକୁ ନିଲମ୍ବିତ କରିପାରିବ। ଚୁକ୍ତିନାମା ସମାପ୍ତ ହେବା ପରେ କିମ୍ବା କାର୍ଡ ଆକାଉଂଟ ନିଲମ୍ବିତ ହେବା ପରେ କ୍ରେଡିଟ୍ କାର୍ଡକୁ ଆଦୌ ବ୍ୟବହାର କରାଯିବା ଉଚିତ୍ ନୁହେଁ।

(ଗ) ଏପରି ପରିସ୍ଥିତିରେ, କାର୍ଡ ସଦସ୍ୟ (ଆଇନ ଦ୍ୱାରା ଆବଶ୍ୟକ କୌଣସି ଡିଫଲ୍ଟ କିମ୍ବା ଅନ୍ୟାନ୍ୟ ନୋଟିସ୍/ବିଜ୍ଞପ୍ତି ଅନୁଦାୟୀ) ଆକାଉଂଟରେ ଥିବା ସମୁଦାୟ ବକେୟା ରାଶି ତୁରନ୍ତ ଆଇଡିବିଆଇ ବ୍ୟାଙ୍କକୁ ପୈଠ କରିବା ଆବଶ୍ୟକ। ଏଥିରେ ଚୁକ୍ତିନାମା ଅଧୀନରେ ଆଇଡିବିଆଇ ବ୍ୟାଙ୍କକୁ ଦେବାକୁ ଥିବା ସମସ୍ତ ରାଶି ଅନ୍ତର୍ଭୁକ୍ତ, ଯେଉଁଥିରେ ଆକାଉଂଟରେ ଏପର୍ଯ୍ୟନ୍ତ ଲାଗୁ ହୋଇନଥିବା ସମସ୍ତ ଟ୍ରାଞ୍ଜାକ୍ସନ୍ ଏବଂ ଅନ୍ୟାନ୍ୟ ରାଶି ମଧ୍ୟ ସାମିଲ ଅଛି। ବ୍ୟାଙ୍କ ଏହି ସମସ୍ତ ବକେୟା ରାଶି ଗ୍ରହଣ କରିବା ପରେ ହିଁ କାର୍ଡ ସଦସ୍ୟତାର ରଦ୍ଦ/ପ୍ରତ୍ୟାହାର କାର୍ଯ୍ୟକାରୀ ହେବ।

(ଘ)ଆଇଡିବିଆଇ ବ୍ୟାଙ୍କ ନିଜ ବିବେକାନୁସାରେ ବିନା କୌଣସି କାରଣ ଦର୍ଶାଇ କ୍ରେଡିଟ୍ କାର୍ଡ / ଆଡ୍-ଅନ୍ କାର୍ଡର ବକେୟା ରାଶି ଫେରସ୍ତ ପାଇଁ ଦାବି (ରିକଲ୍) କରିପାରିବେ। ଯଦି ଆଇଡିବିଆଇ ବ୍ୟାଙ୍କ ସମୁଦାୟ ବକେୟା ରାଶି ଫେରସ୍ତ କରିବାକୁ ଦାବି କରେ ତେବେ ସମୁଦାୟ ବକେୟା ରାଶି ପୈଠ କରିବା ପାଇଁ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ କାର୍ଡ ସଦସ୍ୟଙ୍କୁ ଏକ ଯୁକ୍ତିଯୁକ୍ତ ପୂର୍ବସୂଚନା (ନୋଟିସ୍) ପ୍ରଦାନ କରିବ।

(ଙ) ଏହି ନିୟମ ଏବଂ ସର୍ତାବଳୀରେ ଅନ୍ୟ କୌଣସି ବିପରୀତ ବ୍ୟବସ୍ଥା ଉଲ୍ଲେଖ ଥିଲେ ମଧ୍ୟ, ଆଇଡିବିଆଇ ବ୍ୟାଙ୍କ ନିଜ ବିବେକାନୁସାରେ ବିନା କୌଣସି କାରଣ ଦର୍ଶାଇ କ୍ରେଡିଟ୍ କାର୍ଡ ଆକାଉଂଟ କିମ୍ବା କ୍ରେଡିଟ୍ କାର୍ଡ / ଆଡ୍-ଅନ୍ କାର୍ଡରେ ପ୍ରଦାନ କରାଯାଇଥିବା ସୀମା ବା ଲିମିଟକୁ ବାତିଲ୍ କରିପାରିବ। ଏହି ସର୍ତ ଅନୁଯାୟୀ ଯଦି ଆଇଡିବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଆକାଉଂଟ କିମ୍ବା କ୍ରେଡିଟ୍ କାର୍ଡ / ଆଡ୍-ଅନ୍ କାର୍ଡରେ ପ୍ରଦାନ କରାଯାଇଥିବା ସୀମାକୁ ବାତିଲ୍ କରନ୍ତି, ତେବେ ଆଇଡିବିଆଇ ବ୍ୟାଙ୍କ ଏହି ବାତିଲ୍ ବିଷୟରେ କାର୍ଡ ସଦସ୍ୟଙ୍କୁ ଅବଗତ କରିବ।

(ଚ) କାର୍ଡ ସଦସ୍ୟଙ୍କ ମୃତ୍ୟୁ କିମ୍ବା ଅକ୍ଷମତା, କିମ୍ବା କାର୍ଡ ସଦସ୍ୟଙ୍କ ଏକ କର୍ପୋରେଟ୍ ସଂସ୍ଥାର ଦେବାଳିଆ ସ୍ଥିତି (ଇନସଲଭେନ୍ସି) / ବିଲୟ (ଡିଜୋଲ୍ୟୁସନ୍) / ବ୍ୟାଙ୍କରପ୍ଟସି / କିମ୍ବା ସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ (ୱାଇଣ୍ଡିଂ ଅପ୍) ହେବା ପରିସ୍ଥିତିରେ, କାର୍ଡ ସଦସ୍ୟ ଏବଂ ଅନ୍ୟ ଯେକୌଣସି ଆଡ୍-ଅନ୍ କାର୍ଡ ସଦସ୍ୟଙ୍କୁ ଜାରି କରାଯାଇଥିବା କାର୍ଡ ସ୍ୱତଃ ବାତିଲ୍ ହୋଇଯିବ। ଯେକୌଣସି ସରକାରୀ କିମ୍ବା ନିୟାମକ ସଂସ୍ଥାର ନିର୍ଦ୍ଦେଶକ୍ରମେ କାର୍ଡ ଆକାଉଂଟକୁ ମଧ୍ୟ ନିଲମ୍ବିତ କରାଯାଇପାରିବ। ମୃତ୍ୟୁ କିମ୍ବା ଅକ୍ଷମତା, ଦେବାଳିଆ ସ୍ଥିତି, ବ୍ୟାଙ୍କରପ୍ସି, ସଂସ୍ଥା ବନ୍ଦ ହେବା କିମ୍ବା ସରକାରୀ / ନିୟାମକ ସଂସ୍ଥାର ନିର୍ଦ୍ଦେଶ ଆସିଲେ (ସ୍ଥିତି ଅନୁସାରେ), କାର୍ଡ ଆକାଉଂଟରେ ଥିବା ସମସ୍ତ ବକେୟା ରାଶି ତୁରନ୍ତ ପରିଶୋଧ ଯୋଗ୍ୟ ବୋଲି ବିବେଚନା କରାଯିବ ଏବଂ କାର୍ଡ ସଦସ୍ୟଙ୍କ ସମସ୍ତ ବକେୟା ରାଶି ତୁରନ୍ତ ପୈଠ କରିବାର ବାଧ୍ୟତାମୂଳକ ଦାୟିତ୍ୱକୁ କ୍ଷୁର୍ଣ୍ଣ ନକରି, ବ୍ୟାଙ୍କ ପ୍ରଚଳିତ ଆଇନ ଅନୁଯାୟୀ ଏହି ଅର୍ଥ ଆଦାୟ କରିବାକୁ ହକଦାର ହେବ।

(ଛ) କାର୍ଡଧାରୀ ଏହା ବୁଝିଛନ୍ତି ଯେ ଆଇଡିବିଆଇ ବ୍ୟାଙ୍କ ଆନ୍ତର୍ଜାତୀୟ କ୍ରେଡିଟ୍ କାର୍ଡଗୁଡ଼ିକୁ ସମୟ ସମୟରେ ଲାଗୁ ହେଉଥିବା ବିନିମୟ ନିୟନ୍ତ୍ରଣ ନିୟମାବଳୀ (ଏକ୍ସଚେଞ୍ଜ କଂଟ୍ରୋଲ୍ ରେଗୁଲେସନ୍ସ), ଦେଶର ଆଇନ କିମ୍ବା ନିୟାମକ କର୍ତ୍ତୃପକ୍ଷଙ୍କ ନିୟମ ଅନୁଯାୟୀ ବ୍ୟବହାର କରାଯିବ। ଫରେକ୍ସ (ବିଦେଶୀ ମୁଦ୍ରା) ଟ୍ରେଡିଂ, ଲଟେରୀ, ବାଜି ଲଗାଇବା (ବେଟିଂ), ଜୁଆ (ଗାମ୍ବଲିଂ) ଏବଂ ଡେଟିଂ ସମ୍ବନ୍ଧୀୟ ନେଣଦେଣ (ଟ୍ରାଞ୍ଜାକ୍ସନ୍) ପାଇଁ ଏହି କାର୍ଡକୁ ବ୍ୟବହାର କରାଯିବ ନାହିଁ। ଏହି ନିୟମଗୁଡ଼ିକ ବିଷୟରେ ନିଜକୁ ଅବଗତ (ଅପଡେଟ୍) ରଖିବା କାର୍ଡଧାରୀଙ୍କ ନିଜସ୍ୱ ଦାୟିତ୍ୱ ଅଟେ ଏବଂ ଯଦି ଏପରି କରିବାରେ ବିଫଳ ହୁଅନ୍ତି, ତେବେ କାର୍ଡଧାରୀ 'ବୈଦେଶିକ ମୁଦ୍ରା ପରିଚାଳନା ଆଇନ (ଏଫଇଏମଏ - ଫେମା), ୧୯୯୯' କିମ୍ବା ଏହାର ବୈଧାନିକ ସଂଶୋଧନ ଓ ପୁନଃନିର୍ଦ୍ଧାରଣ ଅଧୀନରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ।

(ଜ)ଯଦି ଏକ କ୍ରେଡିଟ୍ କାର୍ଡକୁ ଏକ ବର୍ଷରୁ ଅଧିକ ସମୟ ଧରି ବ୍ୟବହାର କରାଯାଇନଥାଏ, ତେବେ କାର୍ଡଧାରୀଙ୍କୁ ଅବଗତ କରାଇବା ପରେ କାର୍ଡ ବନ୍ଦ କରିବାର ପ୍ରକ୍ରିୟା ଆରମ୍ଭ କରାଯିବ। ଯଦି ୩୦ ଦିନ ମଧ୍ୟରେ କାର୍ଡଧାରୀଙ୍କଠାରୁ କୌଣସି ଉତର ନମିଳେ, ତେବେ କାର୍ଡ ଆକାଉଂଟ ବନ୍ଦ କରାଯାଇପାରିବ, ଯାହାକି କାର୍ଡଧାରୀଙ୍କ ଦ୍ୱାରା ସମସ୍ତ ବକେୟା ରାଶି ପୈଠ କରିବା ସର୍ତାଧୀନ ଅଟେ।

(ଝ)ଯଦି କାର୍ଡ-ଇସ୍ୟୁୟର (ପ୍ରଦାନକାରୀ) ୭ଟି କାର୍ଯ୍ୟଦିବସ ମଧ୍ୟରେ କ୍ରେଡିଟ୍ କାର୍ଡ ବନ୍ଦ କରିବା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାରେ ବିଫଳ ହୁଅନ୍ତି, ତେବେ ବିଳମ୍ବ ହେଉଥିବା ପ୍ରତ୍ୟେକ କ୍ୟାଲେଣ୍ଡର ଦିନ ପାଇଁ ୫୦୦ ଟଙ୍କାର ଜୋରିମାନା (ପେନାଲ୍ଟି) ଲାଗୁ ହେବ ଯାହା ଗ୍ରାହକଙ୍କୁ ପ୍ରଦାନ କରାଯିବ। ଯଦି କ୍ରେଡିଟ୍ କାର୍ଡ ଆକାଉଂଟରେ କୌଣସି ବକେୟା ରାଶି ନଥାଏ, ତେବେ କ୍ରେଡିଟ୍ କାର୍ଡ ସମ୍ପୂର୍ଣ୍ଣ ବନ୍ଦ ହେବା ପର୍ଯ୍ୟନ୍ତ ଗ୍ରାହକଙ୍କୁ ଏହି ଜୋରିମାନା ଅର୍ଥ ମିଳିବ।

୭ . କାର୍ଡ ହଜିଯିବା / ଚୋରି / ଅପବ୍ୟବହାର

(କ) ଯଦି ପ୍ରାଥମିକ କିମ୍ବା କୌଣସି ଅତିରିକ୍ତ କ୍ରେଡିଟ୍ କାର୍ଡ ଅନ୍ୟ କେଉଁଠି ରହିଯାଏ (ମିସ୍‌ପ୍ଲେସ୍ ହୁଏ), ହଜିଯାଏ, ଚୋରି ହୋଇଯାଏ, ନଷ୍ଟ (ଭଙ୍ଗାରୁଜା) ହୋଇଯାଏ, ନିର୍ଦ୍ଧାରିତ ସମୟରେ ନମିଳେ କିମ୍ବା ଯଦି କାର୍ଡ ସଦସ୍ୟ ସନ୍ଦେହ କରନ୍ତି ଯେ ତାଙ୍କ ବିନା ଅନୁମତିରେ କ୍ରେଡିଟ୍ କାର୍ଡର ବ୍ୟବହାର କରାଯାଉଛି, ତେବେ କାର୍ଡ ସଦସ୍ୟ ତୁରନ୍ତ ୨୪-ଘଂଟିଆ କ୍ରେଡିଟ୍ କାର୍ଡ ଗ୍ରାହକ ସେବା (କଷ୍ଟମର କେୟାର)କୁ ଜଣାଇବା ଆବଶ୍ୟକ। କାର୍ଡଧାରୀ ଆଇଭିଆର, କ୍ରେଡିଟ୍ କାର୍ଡ ନେଟ୍ ବ୍ୟାଙ୍କିଙ୍ଗ୍ କିମ୍ବା ଗୋ ମୋବାଇଲ୍ ଆପ୍ ମାଧ୍ୟମରେ ମଧ କାର୍ଡକୁ ତୁରନ୍ତ ବ୍ଲକ୍ କରିପାରିବେ। ଥରେ କାର୍ଡ ହଜିଯିବାର ରିପୋର୍ଟ ଦିଆଯିବା ପରେ, ଯଦି ପରବର୍ତୀ ସମୟରେ କାର୍ଡଧାରୀଙ୍କୁ ତାହା ମିଳିଯାଏ, ତେବେ କୌଣସି ପରିସ୍ଥିତିରେ ବି ଏହାକୁ ବ୍ୟବହାର କରିବା ଉଚିତ୍ ନୁହେଁ, ଏବଂ କାର୍ଡଧାରୀ କାର୍ଡଟିକୁ କୋଣାକୋଣି ଭାବରେ ଦୁଇ ଖଣ୍ଡ କରି କାଟିଦେବା ଉଚିତ୍।

(ଖ) କାର୍ଡ ହଜିଯିବା ବିଷୟରେ ରିପୋର୍ଟ କରିବା ସମୟ ପୂର୍ବରୁ କାର୍ଡ ଆକାଉଂଟରେ ହୋଇଥିବା କୌଣସି ନେଣଦେଣ (ଟ୍ରାଞ୍ଜାକ୍ସନ୍) ପାଇଁ ବ୍ୟାଙ୍କ ଦାୟୀ କିମ୍ବା ଉତରଦାୟୀ ନୁହେଁ, ଏବଂ ଏଥିପାଇଁ କାର୍ଡ ସଦସ୍ୟ ସମ୍ପୂର୍ଣ୍ଣ ଭାବରେ ଦାୟୀ ରହିବେ। ଭାରତ ବାହାରେ ଥିବା ବ୍ୟବସାୟୀ (ମର୍ଚ୍ଚାଂଟ) ମାନଙ୍କ ଦ୍ୱାରା ଟ୍ରାଞ୍ଜାକ୍ସନ ଆରମ୍ଭ କରାଗଲେ, ପିନ୍ / ଅତିରିକ୍ତ ପ୍ରମାଣୀକରଣ ବିନା ମଧ କାର୍ଡ ଟ୍ରାଞ୍ଜାକ୍ସନ ପ୍ରକ୍ରିୟାକରଣ ହୋଇପାରେ, କାରଣ ସେହି ଦେଶଗୁଡ଼ିକରେ ଏହା ବାଧ୍ୟତାମୂଳକ ନହୋଇପାରେ। କାର୍ଡ ହଜିଯିବାର ରିପୋର୍ଟ ଦେବା ପୂର୍ବରୁ ହୋଇଥିବା ସମସ୍ତ ଟ୍ରାଞ୍ଜାକ୍ସନ ପାଇଁ କାର୍ଡ ସଦସ୍ୟ ସମ୍ପୂର୍ଣ୍ଣ ରୂପେ ଦାୟୀ ଅଟନ୍ତି। ବ୍ୟାଙ୍କ ଦ୍ୱାରା ହଜିଯିବାର ଉପଯୁକ୍ତ ସୂଚନା ଗ୍ରହଣ କରାଯିବା ପରେ, କାର୍ଡ ସଦସ୍ୟଙ୍କର ପରବର୍ତୀ ଦାୟିତ୍ୱ ଶୂନ ଅଟେ। କାର୍ଡ ହଜିବା କିମ୍ବା ଚୋରି ହେବା ବିଷୟରେ ଆଇଡିବିଆଇ ବ୍ୟାଙ୍କକୁ ଜଣାଇବା ସହିତ, କାର୍ଡ ସଦସ୍ୟ ପୋଲିସକୁ କାର୍ଡ ଚୋରି ବିଷୟରେ ରିପୋର୍ଟ କରିବା, ଏକ ଏଫଆଇଆର ଦାୟର କରିବା ଏବଂ ପୋଲିସ ଅଭିଯୋଗର ଏକ ସ୍ୱୀକୃତିପ୍ରାପ୍ତ (ଆକ୍‌ନଲେଜ୍‌ଡ୍) କପି ପ୍ରଦାନ କରିବା ଆବଶ୍ୟକ।

(ଗ) ଯଦି କାର୍ଡ ସଦସ୍ୟ କିମ୍ବା ଜଣେ ଅତିରିକ୍ତ କାର୍ଡ ସଦସ୍ୟଙ୍କ ସମ୍ମତି / ଅବହେଳା / ଅସାବଧାନତା କାରଣରୁ କୌଣସି ବ୍ୟକ୍ତି ପିନ୍ କିମ୍ବା କାର୍ଡ ହାସଲ କରି କାର୍ଡର ଅପବ୍ୟବହାର କରନ୍ତି, ତେବେ ସେହି କ୍ଷେତ୍ରରେ ହେଉଥିବା ସମସ୍ତ କ୍ଷତି ପାଇଁ କାର୍ଡ ସଦସ୍ୟ ଦାୟୀ ରହିବେ।

(ଘ) ଯଦି କାର୍ଡ ସଦସ୍ୟ ଠକେଇ କିମ୍ବା ପ୍ରତାରଣାମୂଳକ କାର୍ଯ୍ୟ କରିଥାନ୍ତି, ତେବେ ସମସ୍ତ କ୍ଷତି ପାଇଁ କାର୍ଡ ସଦସ୍ୟ ଦାୟୀ ରହିବେ। ଯଦି କାର୍ଡ ସଦସ୍ୟ ଉପଯୁକ୍ତ (ଯୁକ୍ତିଯୁକ୍ତ) ସାବଧାନତା ଅବଲମ୍ବନ ନକରନ୍ତି, ତେବେ ହୋଇଥିବା ସମସ୍ତ କ୍ଷତି ପାଇଁ କାର୍ଡ ସଦସ୍ୟ ଦାୟୀ ହୋଇପାରନ୍ତି।

(ଙ) କାର୍ଡ କିମ୍ବା ପିନ୍ ହଜିଯିବା, ଚୋରି ହେବା କିମ୍ବା ଅପବ୍ୟବହାର ସମ୍ବନ୍ଧରେ ଆଇଡିବିଆଇ ବ୍ୟାଙ୍କ ଯେଉଁ ସୂଚନାକୁ ପ୍ରାସଙ୍ଗିକ (ଆବଶ୍ୟକ) ବୋଲି ବିବେଚନା କରିବେ, ତାହା କାର୍ଡ ସଦସ୍ୟ କିମ୍ବା କୌଣସି ଅତିରିକ୍ତ କାର୍ଡ ସଦସ୍ୟଙ୍କୁ ଅବଗତ ନକରାଇ (କିମ୍ବା ନପଚାରି), ବ୍ୟାଙ୍କ ପୋଲିସ କିମ୍ବା ଅନ୍ୟାନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିପାରିବେ।

(ଚ) 'ଗ୍ରାହକ ସୁରକ୍ଷା - ଅନଧିକୃତ ଇଲେକ୍ଟ୍ରୋନିକ୍ ବ୍ୟାଙ୍କିଙ୍ଗ୍ ଟ୍ରାଞ୍ଜାକ୍ସନ'ରେ ଗ୍ରାହକଙ୍କ ଦାୟିତ୍ୱ ସୀମିତ କରିବା' ଉପରେ ୦୬ ଜୁଲାଇ ୨୦୧୭ ତାରିଖରେ ଜାରି କରାଯାଇଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ର ନିର୍ଦ୍ଦେଶନାମା ଅନୁଯାୟୀ, ଅନଧିକୃତ କ୍ରେଡିଟ୍ କାର୍ଡ ନେଣଦେଣ (ଟ୍ରାଞ୍ଜାକ୍ସନ୍) ସମ୍ବନ୍ଧରେ ଗ୍ରାହକ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏକ ନୀତି ପ୍ରସ୍ତୁତ କରାଯାଇଛି। ଏହାକୁ ଆଇଡିବିଆଇ (ବ୍ୟାଙ୍କର ୱେବସାଇଟରେ "ଗ୍ରାହକ ଅଭିଯୋଗ ସମାଧାନ ନୀତି (କଷ୍ଟମର ଗ୍ରିଏଭାନ୍ସ ରିଡ୍ରେସାଲ ପଲିସି)" ଅଧୀନରେ ଅପଡେଟ୍ କରାଯାଇଛି। ଏହି ନୀତି ଗ୍ରାହକଙ୍କ ପ୍ରତି ବ୍ୟବହାରରେ ସ୍ୱଚ୍ଛତା ଏବଂ ନିରପେକ୍ଷତାର ସିଦ୍ଧାନ୍ତ ଉପରେ ଆଧାରିତ।

ପିନ୍ ସୁରକ୍ଷିତ ରଖିବା ସମ୍ବନ୍ଧୀୟ ସୂଚନା / ଯୋଗାଯୋଗ (କମ୍ୟୁନିକେଶନ ରିଗାର୍ଡିଙ୍ଗ ସେଫ୍-କିପିଂ ଅଫ୍ ପିନ୍)

କାର୍ଡ ସହିତ ବ୍ୟବହାର କରିବା ପାଇଁ କାର୍ଡଧାରୀଙ୍କୁ ଜାରି କରାଯାଇଥିବା ପର୍ସନାଲ ଆଇଡେଂଟିଫିକେଶନ ନମ୍ବର (ପିନ୍) କିମ୍ବା କାର୍ଡଧାରୀଙ୍କ ଦ୍ୱାରା ପିନ୍ ଭାବରେ ଚୟନ କରାଯାଇଥିବା ଯେକୌଣସି ନମ୍ବର କେବଳ କାର୍ଡଧାରୀଙ୍କୁ ହିଁ ଜଣାରହିବା ଆବଶ୍ୟକ। ଏହା କାର୍ଡଧାରୀଙ୍କ ବ୍ୟକ୍ତିଗତ ବ୍ୟବହାର ପାଇଁ ଅଟେ, ଏବଂ ଏହା ନନ୍-ଟ୍ରାନ୍ସଫରେବୁଲ (ଅନ୍ୟ କାହାକୁ ଦିଆଯାଇପାରିବ ନାହିଁ) ଓ ସମ୍ପୂର୍ଣ୍ଣ ଗୋପନୀୟ ଅଟେ। ପିନ୍ ନମ୍ବରର କୌଣସି ଲିଖିତ ରେକର୍ଡକୁ କୌଣସି ରୂପ, ସ୍ଥାନ କିମ୍ବା ଶୈଳୀରେ ରଖାଯିବା ଉଚିତ୍ ନୁହେଁ, ଯାହାକି କୌଣସି ତୃତୀୟ ପକ୍ଷ (ଅନ୍ୟ ବ୍ୟକ୍ତି) ଦ୍ୱାରା ଏହାର ବ୍ୟବହାରକୁ ସହଜ କରିପାରେ। କୌଣସି ପରିସ୍ଥିତିରେ କିମ୍ବା କୌଣସି ମାଧ୍ୟମରେ, ଚାହୁଁଥାନ୍ତୁ ବା ନଚାହୁଁଥାନ୍ତୁ, ପିନ୍‌କୁ କୌଣସି ତୃତୀୟ ପକ୍ଷ, ବ୍ୟାଙ୍କର କର୍ମଚାରୀ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନ (ମର୍ଚ୍ଚାଂଟ) ସାମ୍ନାରେ ପ୍ରକାଶ କରାଯିବା ଉଚିତ ନୁହେଁ। କ୍ରେଡିଟ୍ କାର୍ଡଧାରୀ ଏବଂ କାର୍ଡଧାରୀ/ଯୁଗ୍ମ ସ୍ଥାୟୀ ଜମା (ଜଏଂଟ ଫିକ୍ସଡ୍ ଡିପୋଜିଟ୍) ଧାରକମାନେ ଆଇଡିବିଆଇ ବ୍ୟାଙ୍କ ବିରୁଦ୍ଧରେ କୌଣସି ଦାବି କରିପାରିବେ ନାହିଁ। ଉପରୋକ୍ତ ସମନ୍ୱୟ (ଏଡଜଷ୍ଟମେଂଟ) / କାଟ୍ (ଡିଡକ୍ସନ୍) / ସେଟ୍-ଅଫ୍ ପରେ ବାକି ରହିଥିବା ଯେକୌଣସି ବଳକା ରାଶି, ସ୍ଥିତି ଅନୁସାରେ କାର୍ଡଧାରୀ/ଯୁଗ୍ମ ସ୍ଥାୟୀ ଜମା ଧାରକଙ୍କୁ ଫେରସ୍ତ କରାଯିବ।

(ଛ)ସ୍ଥାୟୀ ଜମା (ଫିକ୍ସଡ୍ ଡିପୋଜିଟ୍)ର ଅବସାନ (ଲିକୁଇଡେସନ୍ / ସମୟ ପୂର୍ବରୁ ବନ୍ଦ) ହେବା କ୍ଷେତ୍ରରେ, ସୁଧ ଜନିତ କୌଣସି ପୂର୍ବାନୁମାନିତ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ।

କାର୍ଡଧାରୀଙ୍କ ପାଇଁ ବୀମା ସୁରକ୍ଷା

ଆଇଡିବିଆଇ ବ୍ୟାଙ୍କ କାର୍ଡର ପ୍ରକାର ଉପରେ ନିର୍ଭର କରି ମାଗଣା (କମ୍ପ୍ଲିମେଂଟାରୀ) ହଜିଯାଇଥିବା/ଚୋରି ହୋଇଥିବା କାର୍ଡ/ଦୁର୍ଘଟଣାଜନିତ ବୀମା ସୁରକ୍ଷା ପ୍ରଦାନ କରିଥାଏ। ଉକ୍ତ ବୀମା ଏକ ତୃତୀୟ ପକ୍ଷ (ଥର୍ଡ-ପାର୍ଟି) ବୀମା କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥାଏ, ଯିଏ କି ଏହି ସମ୍ବନ୍ଧୀୟ ଯେକୌଣସି ଦାବି ସମାଧାନ (କ୍ଲେମ୍ ସେଟଲମେଂଟ) ପାଇଁ ମଧ୍ୟ ଦାୟୀ ରହିବେ। କ୍ରେଡିଟ୍

କାର୍ଡ ସେଟ୍ ଅପ୍ (ସକ୍ରିୟ) ହେବା ତାରିଖରୁ ଏହି ବୀମା ସୁରକ୍ଷା ଆରମ୍ଭ ହୋଇଥାଏ। ଲାଗୁ ହେଉଥିବା ବୀମା ସୁରକ୍ଷା ବିଷୟରେ ଜାଣିବା ପାଇଁ ଦୟାକରି ୱେଲକମ୍ ବୁକଲେଟ୍ ପଢ଼ନ୍ତୁ କିମ୍ବା ବ୍ୟାଙ୍କର ୱେବସାଇଟ୍ ଙଙଙ.ସୟଭସଭବଭଳ.ସଭ ଦେଖନ୍ତୁ।

୮. ସୁରକ୍ଷିତ କ୍ରେଡିଟ୍ କାର୍ଡ

ନିମ୍ନରେ ତାଲିକାଭୁକ୍ତ ନିୟମ ଏବଂ ସର୍ତାବଳୀ ଆଇଡିବିଆଇ ବ୍ୟାଙ୍କ ସୁରକ୍ଷିତ କ୍ରେଡିଟ୍ କାର୍ଡ (ଆଇଡିବିଆଇ ବ୍ୟାଙ୍କ ସିକ୍ୟୋର୍ଡ କ୍ରେଡିଟ କାର୍ଡ) ପାଇଁ ଲାଗୁ ହେବ। ଏଗୁଡ଼ିକ ଆଇଡିବିଆଇ ବ୍ୟାଙ୍କର କ୍ରେଡିଟ୍ କାର୍ଡ ସୁବିଧାଗୁଡ଼ିକୁ ପରିଚାଳିତ କରୁଥିବା କ୍ରେଡିଟ କାର୍ଡହୋଲ୍ଡର ଚୁକ୍ତିର ସାଧାରଣ ନିୟମ ଓ ସର୍ତାବଳୀ ଏବଂ ଆଇଡିବିଆଇ ବ୍ୟାଙ୍କର ସ୍ଥାୟୀ ଜମା (ଫିକ୍ସଡ୍ ଡିପୋଜିଟ୍)କୁ ପରିଚାଳିତ କରୁଥିବା ନିୟମ ଓ ସର୍ତାବଳୀ ସହିତ ଅତିରିକ୍ତ ଭାବରେ ଲାଗୁ ହେବ।

(କ) ସୁରକ୍ଷିତ କ୍ରେଡିଟ୍ କାର୍ଡ (ସିକ୍ୟୋର୍ଡ କ୍ରେଡିଟ କାର୍ଡ) ର କ୍ରେଡିଟ୍ ଲିମିଟ୍ ସ୍ଥାୟୀ ଜମା (ଫିକ୍ସଡ୍ ଡିପୋଜିଟ୍) ରାଶିର ୮୫% ପର୍ଯ୍ୟନ୍ତ କିମ୍ବା ସମୟ ସମୟରେ ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ରାଶି ଅନୁଯାୟୀ ହେବ, ଯାହାକି ସର୍ବାଧିକ ୧୦ ଲକ୍ଷ ଟଙ୍କାର କ୍ରେଡିଟ୍ ସୀମା ସର୍ତାଧୀନ ଅଟେ।

(ଖ) ଆଇଡିବିଆଇ ବ୍ୟାଙ୍କ ସିକ୍ୟୋର୍ଡ କ୍ରେଡିଟ୍ କାର୍ଡ ଜାରି କରିବା ପ୍ରକ୍ରିୟାକୁ ସକ୍ଷମ କରିବା ପାଇଁ, କାର୍ଡଧାରୀ ଏବଂ/କିମ୍ବା ସମସ୍ତ ଯୁଗ୍ମ ସ୍ଥାୟୀ ଜମା (ଜଏଂଟ ଫିକ୍ସଡ୍ ଡିପୋଜିଟ୍) ଧାରକମାନେ ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ସେମାନଙ୍କ ଦ୍ୱାରା ଯଥାର୍ଥ ଭାବେ ସ୍ୱାକ୍ଷରିତ/ମୁକ୍ତ (ଡିସଚାର୍ଜଡ୍) କରାଯାଇଥିବା ଜମାର ନିଶ୍ଚିତକରଣ ପତ୍ର (କନଫର୍ମେସନ୍ ଅଫ୍ ଡିପୋଜିଟ୍ - ସିଓଡି) ଦାଖଲ କରିବେ।

(ଗ) ସିକ୍ୟୋର୍ଡ କ୍ରେଡିଟ୍ କାର୍ଡ ବିରୁଦ୍ଧରେ ସ୍ଥାୟୀ ଜମା (ଫିକ୍ସଡ୍ ଡିପୋଜିଟ୍) ଚିହ୍ନିତ ଲିଏନ (ବ୍ୟାଙ୍କ ଅଧିକାର)ର ନବୀକରଣ ହେବା ପରେ, ଜମାର ନିଶ୍ଚିତକରଣ ପତ୍ର (କନଫର୍ମେସନ୍ ଅଫ୍ ଡିପୋଜିଟ୍) ସ୍ଥାୟୀ ଜମା ଆକାଉଂଟ ଧାରକଙ୍କ ପାଖକୁ ପଠାଯିବ ନାହିଁ।

(ଘ) କାର୍ଡର କ୍ରେଡିଟ୍ ସୀମା (ଲିମିଟ୍) ସ୍ଥାୟୀ ଜମାର ମୂଳ ଜମା ରାଶି (ପ୍ରିନ୍ସିପାଲ୍ ଆମାଉଂଟ) ଉପରେ ନିର୍ଭର କରିବ; ସ୍ଥାୟୀ ଜମା ଉପରେ ମିଳୁଥିବା ସୁଧ, ଗ୍ରାହକଙ୍କୁ ପ୍ରଦାନ କରାଯାଉଥିବା କ୍ରେଡିଟ୍ ସୀମା ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

(ଙ) ସିକ୍ୟୋର୍ଡ କ୍ରେଡିଟ୍ କାର୍ଡ ସହିତ ସଂଯୁକ୍ତ ହୋଇଥିବା ସ୍ଥାୟୀ ଜମାକୁ କାର୍ଡଧାରୀ ଏବଂ/କିମ୍ବା ଯୁଗ୍ମ ସ୍ଥାୟୀ ଜମା ଧାରକମାନେ (ସ୍ଥିତି ଅନୁସାରେ) ସେ ପର୍ଯ୍ୟନ୍ତ ଭାଙ୍ଗି ପାରିବେ ନାହିଁ କିମ୍ବା ସେଥିରୁ କୌଣସି ଆଂଶିକ ରାଶି ପ୍ରତ୍ୟାହାର (ଉଠାଣ) କରିପାରିବେ ନାହିଁ, ଯେପର୍ଯ୍ୟନ୍ତ ସିକ୍ୟୋର୍ଡ କ୍ରେଡିଟ୍ କାର୍ଡର ସମସ୍ତ ବକେୟା ରାଶି ପୈଠ କରାଯାଇନାହିଁ ଏବଂ ସିକ୍ୟୋର୍ଡ କ୍ରେଡିଟ୍ କାର୍ଡକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇନାହିଁ।

(ଚ) ସ୍ଥାୟୀ ଜମା (ଫିକ୍ସଡ୍ ଡିପୋଜିଟ୍) କିମ୍ବା ଆଇଡିବିଆଇ ବ୍ୟାଙ୍କ ସିକ୍ୟୋର୍ଡ କ୍ରେଡିଟ୍ କାର୍ଡ ସମାପ୍ତ/ପ୍ରତ୍ୟାହାର/ବାତିଲ (ଟର୍ମିନେସନ୍/ୱିଥଡ୍ରଲ/କ୍ୟାନ୍ସଲେସନ୍) ହେବା ପରିପ୍ରେକ୍ଷୀରେ -

- ଯଦି କାର୍ଡଧାରକ ଦେୟ ପ୍ରଦାନର ନିର୍ଦ୍ଧାରିତ ତାରିଖ (ପେମେଂଟ ଡ୍ୟୁ ଡେଟ୍) ର ୩୦ ଦିନ ପର୍ଯ୍ୟନ୍ତ ବକେୟା ରାଶି କିମ୍ବା ସର୍ବନିମ୍ନ ଦେୟ ରାଶି ପୈଠ ନକରନ୍ତି, ତେବେ କ୍ରେଡିଟ୍ କାର୍ଡକୁ ହଟ୍‌ଲିଷ୍ଟ (ବ୍ଲକ୍) କରାଯିବ ଏବଂ ଯଦି କାର୍ଡଧାରକ ପରବର୍ତୀ ୨୧ ଦିନ ମଧ୍ୟରେ ବକେୟା ରାଶି ପରିଶୋଧ ନକରନ୍ତି, ତେବେ ବକେୟା ରାଶି ତୁରନ୍ତ ଆଦାୟ କରିବା ପାଇଁ ସ୍ଥାୟୀ ଜମା (ଏଫଡି) ର ଅବସାନ କରାଯିବ (ଅର୍ଥାତ୍ ଏଫଡି ଭାଙ୍ଗି ଦିଆଯିବ)।

- କିମ୍ବା ଯଦି ସିକ୍ୟୋର୍ଡ କ୍ରେଡିଟ୍ କାର୍ଡରେ ଥିବା ବକେୟା ରାଶି, ସର୍ତାବଳୀ ଅନୁଯାୟୀ ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ଲାଗୁ କରାଯାଇଥିବା କୌଣସି ଫି', ଚାର୍ଜ କିମ୍ବା ଅନ୍ୟ ଯେକୌଣସି ରାଶିକୁ ମିଶାଇ, ଯେକୌଣସି ସମୟରେ କ୍ରେଡିଟ୍ ସୀମା (ଲିମିଟ୍) ରାଶିର ୧୦୦% କିମ୍ବା ତା'ଠାରୁ ଅଧିକ ହୋଇଯାଏ।

କ) ସିକ୍ୟୋର୍ଡ କ୍ରେଡିଟ୍ କାର୍ଡର ସମ୍ପୂର୍ଣ୍ଣ ବକେୟା ରାଶି ଆଦାୟ କରିବା ପାଇଁ ବ୍ୟାଙ୍କ ନିକଟରେ କାର୍ଡଧାରକ/ଯୁଗ୍ମ ସ୍ଥାୟୀ ଜମା ଧାରକଙ୍କ ସଂଚୟ ଖାତା (ଏସବି) / ଚଳନ୍ତି ଖାତା (ସିଏ) / ଅନ୍ୟାନ୍ୟ ଆକାଉଂଟ (ଯାହା ଏକକ କିମ୍ବା ଯୁଗ୍ମ ଭାବେ ପରିଚାଳିତ) ରୁ ଟଙ୍କା କାଟିବାର (ଡେବିଟ୍ କରିବାର) ସମ୍ପୂର୍ଣ୍ଣ ଅଧିକାର ରହିବ।

ଖ) ଯଦି ସିକ୍ୟୋର୍ଡ କ୍ରେଡିଟ୍ କାର୍ଡର ସମ୍ପୂର୍ଣ୍ଣ ବକେୟା ରାଶି ଆଦାୟ କରିବା ପାଇଁ ଆବଶ୍ୟକୀୟ ଅର୍ଥ ସଂଚୟ ଖାତା (ଏସବି) / ଚଳନ୍ତି ଖାତା (ସିଏ) / ଅନ୍ୟାନ୍ୟ ଆକାଉଂଟରେ ଉପଲବ୍ଧ ନଥାଏ, ତେବେ ଆଇଡିବିଆଇ ବ୍ୟାଙ୍କ ନିକଟରେ ସୁଧ ସହିତ ସମ୍ପୂର୍ଣ୍ଣ ସ୍ଥାୟୀ ଜମା (ଏଫଡି) ରାଶିର ଅବସାନ କରିବାର (ଏଫଡି ଭାଙ୍ଗିବାର) ଏବଂ ସେହି ରାଶିକୁ କ୍ରେଡିଟ୍ କାର୍ଡ ଅଧୀନରେ ଆଇଡିବିଆଇ ବ୍ୟାଙ୍କୁ ଦେବାକୁ ଥିବା ବକେୟା ରାଶି ସହିତ ଏଡଜଷ୍ଟ/ସେଟ୍-ଅଫ୍ କରିବାର ସମ୍ପୂର୍ଣ୍ଣ ଅଧିକାର ରହିବ ଏବଂ ଏଥିପାଇଁ କାର୍ଡଧାରକ/ଯୁଗ୍ମ ସ୍ଥାୟୀ ଜମା ଧାରକମାନେ ଆଇଡିବିଆଇ ବ୍ୟାଙ୍କ ବିରୁଦ୍ଧରେ କୌଣସି ଦାବି କରିପାରିବେ ନାହିଁ। ଉପରୋକ୍ତ ସମନ୍ୱୟ / କାଟ୍ / ସେଟ୍-ଅଫ୍ ପରେ ବାକି ରହିଥିବା ଯେକୌଣସି ବଳକା ରାଶି, ସ୍ଥିତି ଅନୁସାରେ କାର୍ଡଧାରକ/ଯୁଗ୍ମ ସ୍ଥାୟୀ ଜମାଧାରକଙ୍କୁ ଫେରସ୍ତ କରାଯିବ।

(ଗ) ସ୍ଥାୟୀ ଜମା (ଫିକ୍ସଡ୍ ଡିପୋଜିଟ୍)ର ଅବସାନ (ଲିକୁଇଡେସନ୍ / ସମୟ ପୂର୍ବରୁ ବନ୍ଦ) ହେବା କ୍ଷେତ୍ରରେ, ସୁଧ ଜନିତ କୌଣସି ପୂର୍ବାନୁମାନିତ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ।

୯ . ଅଭିଯୋଗ ସମାଧାନ ବ୍ୟବସ୍ଥା

ଯଦି କୌଣସି ପରିସ୍ଥିତିରେ (ବା ଦୁର୍ଭାଗ୍ୟବଶତଃ) କାର୍ଡଧାରକ ଆମର ସେବାରେ ସନ୍ତୁଷ୍ଟ ନହୁଅନ୍ତି, ତେବେ ସେମାନେ 'ଅଭିଯୋଗ ସମାଧାନ ବ୍ୟବସ୍ଥା' (ଗ୍ରିଏଭାନ୍ସ ରିଡ୍ରେସାଲ ମେକାନିଜିମ) ର ବ୍ୟବହାର କରି ନିଜର ଅଭିଯୋଗକୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟକୁ ପଠାଇପାରିବେ (ଏସ୍କାଲେଟ୍ କରିପାରିବେ)।

ଅଭିଯୋଗ ସମାଧାନ ପାଇଁ ବ୍ୟାଙ୍କର ଏକ ତିନି-ସ୍ତରୀୟ ବ୍ୟବସ୍ଥା ରହିଛି:

(୧) ଲେଭେଲ ୧ - ଶାଖା / ଗ୍ରାହକ ଅନୁଭୂତି କେନ୍ଦ୍ର (ବ୍ରାଂଚ / କଷ୍ଟମର ଏକ୍ସପେରିଏନ୍ସ ସେଂଟର)

(୨) ଲେଭେଲ ୨ - ଅଭିଯୋଗ ସମାଧାନ ଅଧିକାରୀ (ଗ୍ରିଏଭାନ୍ସ ରିଡ୍ରେସାଲ ଅଫିସର – ଜିଆରଓ)

(୩) ଲେଭେଲ ୩ - ପ୍ରଧାନ ନୋଡାଲ ଅଧିକାରୀ (ପ୍ରିନ୍ସିପାଲ ନୋଡାଲ ଅଫିସର - ପିଏନଓ)

*ଯଦି ଆପଣ ୭ଟି କାର୍ଯ୍ୟଦିବସ (ୱର୍କିଂ ଡେଜ୍) ମଧ୍ୟରେ ଲେଭେଲ ୧ରେ କୌଣସି ସନ୍ତୋଷଜନକ ପ୍ରତିକ୍ରିୟା ପାଇନାହାନ୍ତି, ତେବେ ଆମର ଜିଆରଓଙ୍କୁ ଶକ୍ସକ୍ଟମମଅସୟଭସ.ମକ୍ଟ.ସଭ ରେ ଇମେଲ୍ କରନ୍ତୁ କିମ୍ବା ମାସର ଦ୍ୱିତୀୟ ଏବଂ ଚତୁର୍ଥ ଶନିବାରକୁ ଛାଡ଼ି ସୋମବାରରୁ ଶନିବାର ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ୦୨-୬୬୧୯୪୩୬୭ ନମ୍ବରରେ କଲ୍ କରନ୍ତୁ କିମ୍ବା ଏହି ଠିକଣାରେ ଚିଠି ଲେଖନ୍ତୁ: ଆଇଡିବିଆଇ ବ୍ୟାଙ୍କ ଲିମିଟେଡ, କ୍ରେଡିଟ କାର୍ଡସ, ଆରବିଜି, ୧୯ତମ ମହଲା, ଏୱିଙ୍ଗ, ଆଇଡିବିଆଇ ଟାୱାର,ଡବ୍ଲ୍ୟୁଟିସି କମ୍ପ୍ଲେକ୍ସ, କ୍ୟୁଫେ ପାରାଡେ, ମୁମ୍ବାଇ – ୪୦୦ ୦୦୫।

**ଏହାଛଡା ଯଦି ଆପଣ ୪ଟି କାର୍ଯ୍ୟଦିବସ ମଧ୍ୟରେ ଲେଭେଲ ୨ରେ କୌଣସି ସନ୍ତୋଷଜନକ ପ୍ରତିକ୍ରିୟା ପାଇନାହାନ୍ତି, ତେବେ ଆମର ପିଏନଓଙ୍କୁ କ୍ଷ୍ଭକ୍ଟଅସୟଭସ.ମକ୍ଟ.ସଭରେ ଇମେଲ୍ କରନ୍ତୁ କିମ୍ବା ମାସର ଦ୍ୱିତୀୟ ଏବଂ ଚତୁର୍ଥ ଶନିବାରକୁ ଛାଡ଼ି ସୋମବାରରୁ ଶନିବାର ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ୦୨-୬୬୫୫୨୨୨୭ ନମ୍ବରରେ କଲ୍ କରନ୍ତୁ କିମ୍ବା ଏହି ଠିକଣାରେ ଚିଠି ଲେଖନ୍ତୁ: ଆଇଡିବିଆଇ ବ୍ୟାଙ୍କ ଲିମିଟେଡ, କ୍ରେଡିଟ କାର୍ଡସ, ଆରବିଜି, ୧୯ତମ ମହଲା, ଏୱିଙ୍ଗ, ଆଇଡିବିଆଇ ଟାୱାର,ଡବ୍ଲ୍ୟୁଟିସି କମ୍ପ୍ଲେକ୍ସ, କ୍ୟୁଫେ ପାରାଡେ, ମୁମ୍ବାଇ – ୪୦୦ ୦୦୫।

ଅଭିଯୋଗ ଦାଖଲ କରିବାର ୩୦ ଦିନ ମଧ୍ୟରେ ଯଦି ସମସ୍ୟାର ସମାଧାନ ନହୁଏ, ତେବେ କାର୍ଡ ସଦସ୍ୟ ନିଜର ଅଭିଯୋଗର ପ୍ରତିକାର/ସମାଧାନ ପାଇଁ 'ଇଂଟିଗ୍ରେଟେଡ ଓମ୍ବୁଡ୍ସମ୍ୟାନ୍ ସ୍କିମ ଅଧୀନରେ ଆରବିଆଇ ଓମ୍ବୁଡ୍ସମ୍ୟାନ୍‌ଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇପାରିବେ। ଏହି ସମ୍ବନ୍ଧରେ ଅଧିକ ବିବରଣୀ କ୍ରେଡିଟ କାର୍ଡ ଗ୍ରିଏଭାନ୍ସ ରିଡ୍ରେସାଲରେ ଗ୍ରିଏଭାନ୍ସ ରିଡ୍ରେସାଲ ୱେବ୍ ପେଜ୍ ଙଙଙ.ସୟଭସଭବଭଲ.ସଭ ରେ ଉପଲବ୍ଧ ରହିଛି।

୧୦ . ପ୍ରକାଶିକରଣ / ତଥ୍ୟ ପ୍ରକାଶ(ଡିସ୍‌କ୍ଲୋଜର)

କାର୍ଡ ସଦସ୍ୟ ସ୍ୱୀକାର କରୁଛନ୍ତି ଯେ ପ୍ରଚଳିତ ବ୍ୟବସାୟିକ ପ୍ରଣାଳୀ ଅନୁଯାୟୀ, ବ୍ୟାଙ୍କ ଗ୍ରାହକଙ୍କୁ କୌଣସି ପୂର୍ବ ସୂଚନା ନଦେଇ ସମୟ ସମୟରେ କ୍ରେଡିଟ୍ କାର୍ଡଗୁଡ଼ିକ ସମ୍ବନ୍ଧିତ ଯେକୌଣସି ତଥ୍ୟ ଯେକୌଣସି କ୍ରେଡିଟ୍ ବ୍ୟୁରୋ (ବର୍ତ୍ତମାନର କିମ୍ବା ଭବିଷ୍ୟତର) ନିକଟରେ ପ୍ରକାଶ କରିପାରିବ। କ୍ରେଡିଟ୍ ଇନଫରମେସନ୍ ବ୍ୟୁରୋ ଇଣ୍ଡିଆ ଲିମିଟେଡ୍ (ସିଆଇବିଆଇଏଲ) ହେଉଛି ଆର୍ôଥକ ବ୍ୟବସ୍ଥାର କାର୍ଯ୍ୟଦକ୍ଷତା ଏବଂ ସ୍ଥିରତାକୁ ସୁଦୃଢ଼ କରିବା ପାଇଁ ଭାରତ ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ନିଆଯାଇଥିବା ଏକ ପଦକ୍ଷେପ। ଏହି ପଦକ୍ଷେପରେ ଅଂଶଗ୍ରହଣ କରୁଥିବା ସମସ୍ତ ବ୍ୟାଙ୍କ ଏବଂ ଆର୍ôଥକ ଅନୁଷ୍ଠାନ ଗ୍ରାହକଙ୍କ ତଥ୍ୟକୁ ସିବିଲ୍ (ସିଆଇବିଆଇଏଲ) / କ୍ରେଡିଟ୍ ବ୍ୟୁରୋଗୁଡ଼ିକ ସହିତ ସେୟାର୍ କରିବା ପାଇଁ ବାଧ୍ୟତାମୂଳକ ଅଟନ୍ତି ଏବଂ ଏହି ସୂଚନା କ୍ରେଡିଟ୍ ଇନଫରମେସନ୍ କମ୍ପାନୀଜ୍ (ରେଗୁଲେସନ୍) ଆକ୍ଟ, ୨୦୦୫ ର ନିୟମ ଅନୁଯାୟୀ ପ୍ରଦାନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି, କାର୍ଡ ସଦସ୍ୟଙ୍କୁ ଅବଗତ କରାଯାଉଛି ଯେ ଯଦି କାର୍ଡର ଦେୟ ବକେୟା (ଓଭରଡ୍ୟୁ) ରହେ, ତେବେ ବ୍ୟାଙ୍କ ଉପଯୁକ୍ତ ସୂଚନା ଦେଇ ଗ୍ରାହକଙ୍କ କ୍ରେଡିଟ୍ କାର୍ଡର ଖିଲାପି (ଡିଫଲ୍ଟ) ସମ୍ବନ୍ଧିତ ଯେକୌଣସି ତଥ୍ୟ ସିବିଲ୍ ଏବଂ ଅନ୍ୟ ଯେକୌଣସି କ୍ରେଡିଟ୍ ବ୍ୟୁରୋ (ବର୍ତ୍ତମାନର ଏବଂ ଭବିଷ୍ୟତର) ନିକଟରେ ପ୍ରକାଶ କରିପାରିବ। ବକେୟା କାର୍ଡ ଆକାଉଂଟ ବାବଦରେ ପେମେଂଟ ମିଳିବା ପରେ ତଥ୍ୟର ଯେକୌଣସି ନବୀକରଣ/ଅପଡେସନ୍, ବ୍ୟାଙ୍କ ଦ୍ୱାରା ପେମେଂଟ ଗ୍ରହଣ କରାଯିବାର ୬୦ ଦିନ ମଧ୍ୟରେ ସିବିଲ୍ (ସିଆଇବିଆଇଏଲ) / ଅନ୍ୟାନ୍ୟ କ୍ରେଡିଟ୍ ବ୍ୟୁରୋଗୁଡ଼ିକରେ ପ୍ରତିଫଳିତ ହେବ।

ଆମେ କାର୍ଡ ସଦସ୍ୟଙ୍କୁ ଏହା ମଧ୍ୟ ଅବଗତ କରାଇବାକୁ ଚାହୁଁଛୁ ଯେ ବ୍ୟାଙ୍କ ନିଜ ଇଚ୍ଛା ଅନୁଯାୟୀ, ଅଭିଯୋଗ ସମ୍ବନ୍ଧିତ କିମ୍ବା ପେମେଂଟ-ରିକଭରି ସମ୍ବନ୍ଧିତ କଥାବାର୍ତ୍ତା ମାମଲାରେ କାର୍ଡ ସଦସ୍ୟ ଏବଂ ବ୍ୟାଙ୍କର ପ୍ରତିନିଧିଙ୍କ ମଧ୍ୟରେ ହେଉଥିବା ନିର୍ଦ୍ଦିଷ୍ଟ କଥାବାର୍ତ୍ତାକୁ (ଯାହା ବ୍ୟାଙ୍କ ଉଚିତ୍ ମଣିବ) ରେକର୍ଡ କରିପାରେ। କାର୍ଡ ସଦସ୍ୟଙ୍କ ପାଖରେ ଥିବା କ୍ରେଡିଟ୍ କାର୍ଡକୁ, ସଦସ୍ୟଙ୍କ ଯୋଗ୍ୟତା ଏବଂ ବ୍ୟାଙ୍କର ନିଷ୍ପତି ଆଧାରରେ ଅପଗ୍ରେଡ୍ (ଉନ୍ନତ) କିମ୍ବା ଡାଉନଗ୍ରେଡ୍ (ଅବନତ) କରାଯାଇପାରେ। ଏହା କାର୍ଡ ସଦସ୍ୟଙ୍କୁ ପ୍ରଦାନ କରାଯାଇଥିବା କ୍ରେଡିଟ୍ ଲିମିଟ୍‌ର ପରିବର୍ତ୍ତନ କ୍ଷେତ୍ରରେ ମଧ୍ୟ ଲାଗୁ ହେବ ଏବଂ ଏହା କେବଳ ଏତିକିରେ ସୀମିତ ନୁହେଁ। ଆଇଡିବିଆଇ ବ୍ୟାଙ୍କ, ଏଲଆଇସିସିଏସଏଲ ସହିତ ମିଳିତ ଭାବେ କୋ-ବ୍ରାଣ୍ଡ କ୍ରେଡିଟ୍ କାର୍ଡ ମଧ୍ୟ ପ୍ରଦାନ କରିଥାଏ। ବ୍ୟାଙ୍କ ଏହି ବ୍ୟବସ୍ଥା ଅଧୀନରେ ଅଂଶୀଦାର କର୍ପୋରେଟ୍ ସହିତ ରାଜସ୍ୱ (ରେଭେନ୍ୟୁ)/ଫି' ସେୟାର୍ କରିପାରେ।

ଗୁରୁତ୍ୱପୂର୍ଣ୍ଣ ନିୟାମକୀୟ ସୂଚନା

(କ) ଏହି କାର୍ଡଟି ଭାରତ ସମେତ ବିଦେଶରେ ବ୍ୟବହାର ପାଇଁ ମଧ୍ୟ ବୈଧ ଅଟେ। ତେବେ, ନେପାଳ ଏବଂ ଭୁଟାନରେ ବୈଦେଶିକ ମୁଦ୍ରା (ଫରେନ୍ କରେନ୍ସି) କାରବାର ପାଇଁ ଏହା ବୈଧ ନୁହେଁ।

(ଖ) ଭାରତ ବାହାରେ କାରବାର (ଟ୍ରାଞ୍ଜାକ୍ସନ) ପାଇଁ କାର୍ଡର ବ୍ୟବହାର ନିଶ୍ଚିତ ଭାବେ, ଆରବିଆଇର ବୈଦେଶିକ ମୁଦ୍ରା ନିୟନ୍ତ୍ରଣ ନିୟମାବଳୀ (ଏକ୍ସଚେଞ୍ଜ କଂଟ୍ରୋଲ୍ ରେଗୁଲେସନ୍ସ) ଏବଂ ବୈଦେଶିକ ମୁଦ୍ରା ପରିଚାଳନା ଅଧିନିୟମ, ୧୯୯୯ ସମେତ ପ୍ରଚଳିତ ଆଇନ ଅନୁଯାୟୀ ହେବା ଆବଶ୍ୟକ। ଇଂଟରନେଟ୍ ଟ୍ରେଡିଂ ପୋର୍ଟାଲ୍ ମାଧ୍ୟମରେ ବୈଦେଶିକ ମୁଦ୍ରା ବାଣିଜ୍ୟ (ଫରେକ୍ସ ଟ୍ରେଡିଂ) କରିବା ପାଇଁ ଅନୁମତି ନାହିଁ। କୌଣସି ପ୍ରକାରର ନିୟମ ଉଲ୍ଲଂଘନ କିମ୍ବା ନିୟମ ପାଳନ ନକରିବା କ୍ଷେତ୍ରରେ, ଆପଣ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ହୋଇପାରନ୍ତି। ଆପଣଙ୍କର ବୈଦେଶିକ ମୁଦ୍ରା ପ୍ରାପ୍ୟତା (ଫରେନ୍ ଏକ୍ସଚେଞ୍ଜ ଏନଟାଇଟଲମେଂଟ) ସମ୍ବନ୍ଧରେ ଆପଣ ନିଜର ଅନୁମୋଦିତ ବ୍ୟବସାୟୀ (ଅଥରାଇଜ୍‌ଡ ଡିଲର୍ - ଏଡି)ଙ୍କ ସହ ପରାମର୍ଶ କରିବା ଉଚିତ୍।

(ଗ) ଯଦି ଆପଣଙ୍କ କ୍ରେଡିଟ୍ କାର୍ଡ ଆକାଉଂଟରେ କୌଣସି ବଳକା ରାଶି (କ୍ରେଡିଟ୍ ବାଲାନ୍ସ) ଥାଏ, ତେବେ ଆଇଡିବିଆଇ ବ୍ୟାଙ୍କ ନିକଟରେ ସେହି ବଳକା ରାଶି ଆପଣଙ୍କୁ ଫେରସ୍ତ କରିବାର ଅଧିକାର ରହିଛି।

(ଘ) ଦୟାକରି ବିଦେଶୀ ସଂସ୍ଥାଗୁଡ଼ିକରେ ନିବେଶ କରିବା କିମ୍ବା ବିଦେଶରେ କୌଣସି ସଂସ୍ଥା ପ୍ରତିଷ୍ଠା କରିବା ଭଳି ପୁଞ୍ଜି ଆକାଉଂଟ କାରବାର (କ୍ୟାପିଟାଲ୍ ଆକାଉଂଟ ଟ୍ରାଞ୍ଜାକସନ୍ସ) ପାଇଁ କ୍ରେଡିଟ୍ କାର୍ଡ ମାଧ୍ୟମରେ ଟଙ୍କା ପଠାନ୍ତୁ ନାହିଁ ବା ପଇଠ କରନ୍ତୁ ନାହିଁ, କାରଣ ଆରବିଆଇର 'ମାଷ୍ଟର ଡିରେକ୍ସନ୍ - ବିଦେଶରେ ଯୌଥ ଉଦ୍ୟୋଗ/ସମ୍ପୂର୍ଣ୍ଣ ମାଲିକାନା ସହାୟକ କମ୍ପାନୀରେ ନିବାସୀଙ୍କ ଦ୍ୱାରା ପ୍ରତ୍ୟକ୍ଷ ନିବେଶ' (ଡାଇରେକ୍ଟ ଇନ୍‌ଭେଷ୍ଟମେଂଟ୍ସ ବାଏ ରେସିଡେଂଟ୍ସ ଇନ ଜଏଂଟ ଭେଂଚର/ହୋଲି ଓନ୍‌ଡ ସବ୍‌ସିଡିଆରୀ ଆବ୍‌ରୋଡ) ଅଧୀନରେ ଏହା ପାଣ୍ଠି ଯୋଗାଣର ଏକ ଅନୁମୋଦିତ ପଦ୍ଧତି ନୁହେଁ।

(ଙ) ଅକ୍ଟୋବର ୦୧, ୨୦୨୨ କିମ୍ବା ତା' ପରେ ଜାରି କରାଯାଇଥିବା ନୂଆ କାର୍ଡଗୁଡ଼ିକ ପାଇଁ, କାର୍ଡଧାରକଙ୍କୁ ୩୦ ଦିନ ମଧ୍ୟରେ କାର୍ଡ ସକ୍ରିୟ (ଆକ୍ଟିଭେଟ୍) କରିବାକୁ ହେବ। ଯଦି କାର୍ଡଧାରକ ଏକ ପିନ୍ ସେଟ୍ କରନ୍ତି କିମ୍ବା ଅନଲାଇନ୍ ଏବଂ ଆନ୍ତର୍ଜାତୀୟ ଭଳି ବିଭିନ୍ନ ପ୍ରକାରର ଟ୍ରାଞ୍ଜାକ୍ସନ ପାଇଁ ଲିମିଟ୍ ସକ୍ରିୟ ଏବଂ/କିମ୍ବା ସେଟ୍ କରନ୍ତି କିମ୍ବା ଯଦି କାର୍ଡକୁ କ୍ରୟ ପାଇଁ ବ୍ୟବହାର କରାଯାଏ, ତେବେ ସେହି କାର୍ଡକୁ ସକ୍ରିୟ ବୋଲି ବିଚାର କରାଯିବ।

୧୧ . ଡିଲାଇଟ୍ ପଏଂଟ୍ସ

ଉତ୍ପାଦର ବୈଶିଷ୍ଟ୍ୟ (ପ୍ରଡକ୍ଟ ଫିଚର୍ସ)ରେ ନିର୍ଦ୍ଧାରିତ କାର୍ଡ ଭାରିଆଂଟ ଓ ପ୍ରଯୁଜ୍ୟ ମାପଦଣ୍ଡ ଆଧାରରେ ସମସ୍ତ ଯୋଗ୍ୟ କାରବାର (ଏଲିଜିବୁଲ୍ ଟ୍ରାଞ୍ଜାକସନ୍ସ) ଉପରେ ଡିଲାଇଟ୍ ପଏଂଟ୍ସ ମିଳିବ। ଟ୍ରାଞ୍ଜାକ୍ସନର ସମ୍ପୂର୍ଣ୍ଣ ସେଟେଲମେଂଟ ହେବା ପରେ ହିଁ ଗ୍ରାହକଙ୍କ ଆକାଉଂଟରେ ଡିଲାଇଟ୍ ପଏଂଟ୍ସ ଜମା (କ୍ରେଡିଟ୍) କରାଯିବ। ଯଦି ଟ୍ରାଞ୍ଜାକ୍ସନର ସେଟେଲମେଂଟ ହୋଇନଥାଏ ଏବଂ ବିଲିଂ ପ୍ରକ୍ରିୟା ବିନା ରାଶି ମୁକ୍ତ (ରିଲିଜ୍) କରିଦିଆଯାଏ, ତେବେ କୌଣସି ଡିଲାଇଟ୍ ପଏଂଟସ ଜମା କରାଯିବ ନାହିଁ। ନିମ୍ନ ସାରଣୀ ରେ ଦର୍ଶାଯାଇଥିବା କାରବାର ଶ୍ରେଣୀ (ଟ୍ରାଞ୍ଜାକସନ୍ କ୍ୟାଟେଗୋରି) ଗୁଡ଼ିକ ଉପରେ ଗ୍ରାହକଙ୍କୁ କୌଣସି ଡିଲାଇଟ୍ ପଏଂଟସ ପ୍ରଦାନ କରାଯିବ ନାହିଁ।

ପଏଂଟ୍‌ଗୁଡିକର ମିଆଦ ଶେଷ ହେବା ଅବଧି (ପଏଂଟ୍ସ ଏକ୍ସପାୟରୀ ପିରିୟଡ): ଗ୍ରାହକଙ୍କ ଆକାଉଂଟରେ ଜମା ହୋଇଥିବା ପଏଂଟସଗୁଡ଼ିକର ଅବଧି ସମାପ୍ତ ସମୟସୀମା ୩ ବର୍ଷ ରହିବ। ତେବେ, କୌଣସି କ୍ୟାମ୍ପେନ୍ କିମ୍ବା ପ୍ରମୋସ୍‌ନାଲ ଅଫର୍ ମାଧ୍ୟମରେ ଜମା ହୋଇଥିବା ପଏଂଟ୍‌ସଗୁଡ଼ିକର ଅବଧି ସମାପ୍ତ ସମୟସୀମା କେବଳ ୧ ବର୍ଷ ରହିବ।

ଡିଲାଇଟ୍ ପଏଂଟ୍ସ ସଂଗ୍ରହ ପାଇଁ ବାଦ୍ ଦିଆଯାଇଥିବା ଟ୍ରାଞ୍ଜାକ୍ସନ: ନିମ୍ନଲିଖିତ ବ୍ୟତିକ୍ରମଗୁଡ଼ିକୁ ଛାଡ଼ି ଆଇଡିବିଆଇ କ୍ରେଡିଟ୍ କାର୍ଡ ବ୍ୟବହାର କରି କରାଯାଇଥିବା ସମସ୍ତ ଖର୍ଚ୍ଚ ଉପରେ ଡିଲାଇଟ ପଏଂଟ୍ସ ପ୍ରଦାନ କରାଯିବ:

ମର୍ଚ୍ଚାଂଟ୍ କ୍ୟାଟେଗୋରି କୋଡ୍ (ଏମସିସି)	ବିବରଣୀ
୬୦୧୦	ଆର୍ôଥକ ଅନୁଷ୍ଠାନ - ମାନୁଆଲ ନଗଦ ବଂଟନ
୬୦୧୧	ଆର୍ôଥକ ଅନୁଷ୍ଠାନ - ଅଟୋମେଟେଡ ନଗଦ ବଂଟନ
୬୨୧୧	ସିକ୍ୟୁରିଟିଜ୍ - ବ୍ରୋକର/ଡିଲର
୬୩୦୦	ବିମା ବିକ୍ରୟ, ଅବଲେଖନ (ଅଣ୍ଡରରାଇଟିଂ) ଏବଂ ପ୍ରିମିୟମ୍

୬୩୮୧ ବିମା ପ୍ରିମିୟମ୍ / ବିମା କିସ୍ତି

୯୨୧୧ ଭରଣପୋଷଣ (ଆଲିମନି) ଏବଂ ସନ୍ତାନ ପ୍ରତିପାଳନ ଖର୍ଚ୍ଚ ସମେତ ଅଦାଲତ ଖର୍ଚ୍ଚ (କୋର୍ଟ ଫି')

୯୨୨୨ ଜରିମାନା

୯୩୧୧ ଟିକସ ଦେୟ

୯୩୯୯ ସରକାରୀ ସେବା - ଅନ୍ୟତ୍ର ଶ୍ରେଣୀଭୁକ୍ତ ହୋଇନଥିବା

୯୪୦୫ ଆନ୍ତଃ-ସରକାରୀ କ୍ରୟ - କେବଳ ସରକାରଙ୍କ ପାଇଁ

୪୧୧୨ ଯାତ୍ରୀବାହୀ ରେଳସେବା / ପାସେଞ୍ଜର ରେଲୱେ

୫୯୬୦ ପ୍ରତ୍ୟକ୍ଷ ବିପଣନ (ଡାଇରେକ୍ଟ ମାର୍କେଟିଂ) - ବୀମା ସେବା

୫୫୪୧ ସର୍ଭିସ୍ ଷ୍ଟେସନ୍ (ଆନୁଷଙ୍ଗିକ/ସହଯୋଗୀ ସେବା ସହିତ ଏବଂ ବିନା)

୫୫୪୨ ଅଟୋମେଟେଡ ଫୁଏଲ ଡିସ୍‌ପେନ୍ସର୍

୫୧୭୨ ପେଟ୍ରୋଲିୟମ୍ ଏବଂ ପେଟ୍ରୋଲିୟମ୍ ଜାତ ଦ୍ରବ୍ୟ

୫୯୮୩ ଇନ୍ଧନ ବ୍ୟବସାୟୀ - କୋଇଲା, ଇନ୍ଧନ ତେଲ, ଏବଂ ତରଳୀକୃତ ପେଟ୍ରୋଲିୟମ୍ ସାମଗ୍ରୀ

ଏକ ଉଦାହରଣରେ ଯେଉଁଠାରେ ଯଦି କୌଣସି ଗ୍ରାହକଙ୍କୁ 'ଡିଲାଇଟ୍ ପଏଂଟସ୍' ପ୍ରଦାନ କରାଯାଇଛି ଏବଂ ସେହି ନିର୍ଦ୍ଦିଷ୍ଟ ଟ୍ରାଞ୍ଜାକ୍ସନଟି ପରବର୍ତର୍‍୍ୀ ସମୟରେ ବାତିଲ କିମ୍ବା ଫେରସ୍ତ ହୋଇଯାଏ, ତେବେ ସେହି ସମାନ ସଂଖ୍ୟକ ପଏଂଟ ଗ୍ରାହକଙ୍କ ପଏଂଟ୍ସ ବାଲାନ୍ସରୁ କାଟି (ଡେବିଟ) ଦିଆଯିବ। ଯଦି ଗ୍ରାହକଙ୍କ ପାଖରେ ପର୍ଯ୍ୟାପ୍ତ ପଏଂଟ ନଥାଏ କିମ୍ବା କାଟିବାକୁ ଥିବା ପଏଂଟ ତୁଳନାରେ ତାଙ୍କର ପଏଂଟ ବାଲାନ୍ସ କମ୍ ଥାଏ, ତେବେ ତାଙ୍କର ସମୁଦାୟ ପଏଂଟ ବାଲାନ୍ସ ମାଇନସ୍ ବା ନେଗେଟିଭ୍ ଫିଗରକୁ ଚାଲିଯିବ।

ସତର୍କ ସୂଚନା:

ଆଇଡିବିଆଇ ବ୍ୟାଙ୍କ ନିଜର ଉତ୍ପାଦଗୁଡ଼ିକ ସମ୍ବନ୍ଧରେ, ନିଜର ସମ୍ପୂର୍ଣ୍ଣ ବିବେକରେ ଆବଶ୍ୟକତା ଅନୁଯାୟୀ ବାହ୍ୟ ସେବା ପ୍ରଦାନକାରୀ (ଏକ୍ସଟର୍‌ନାଲ ସର୍ଭିସ ପ୍ରୋଭାଇଡର) କିମ୍ବା ଏଜେଂଟମାନଙ୍କର ସେବା ଏବଂ ସର୍ତାବଳୀକୁ ଉପଯୋଗ କରିପାରେ। ଏହିପରି ସେବାଗୁଡ଼ିକର ସଫଳ ପୂରଣ କିମ୍ବା ନିର୍ବାହ କରିବା ସମ୍ପୂର୍ଣ୍ଣ ଭାବେ ସେହି ସେବା ପ୍ରଦାତାଙ୍କ ଦାୟିତ୍ୱ ଅଟେ।

କ୍ରେଡିଟ୍ କାର୍ଡ ଫି' ଏବଂ ଶୁଳ୍କ ସୂଚୀ

(୧୩ ଅପ୍ରେଲ୍, ୨୦୨୩ ରୁ କାର୍ଯ୍ୟକାରୀ)

୧) ଯୋଗଦାନ (ଜଏନିଂ), ବାର୍ଷିକ ଏବଂ ଆଡ୍-ଅନ୍ କାର୍ଡ ଫି' / ଅନ୍ୟାନ୍ୟ

ଆଇଡିବିଆଇ ବ୍ୟାଙ୍କ କାର୍ଡ ଭାରିଆଂଟ	ଜଏନିଂ ଫି- ପ୍ରାଥମିକ/ ଆଡ୍ ଅନ କାର୍ଡ	ବାର୍ଷିକ ଫି' – ପ୍ରାଥମିକ କାର୍ଡ (ଦ୍ୱିତୀୟ ବର୍ଷଠାରୁ ଲାଗୁ)	ନବୀକରଣ ଫି' (ରିନ୍ୟୁଆଲ୍ ଫି') – ପ୍ରାଥମିକ / ଆଡ୍-ଅନ୍ କାର୍ଡ	ବାର୍ଷିକ ଫି' – ଆଡ୍-ଅନ୍ କାର୍ଡ
ଆସ୍ୱାୟାର୍	ନିଲ୍	ନିଲ୍	ନିଲ୍	ନିଲ୍
ରୟାଲ୍	ନିଲ୍	ନିଲ୍	ନିଲ୍	ନିଲ୍
ୟୁଫୋରିଆ	ନିଲ୍	୧୪୯୯ ଟଙ୍କା (ପୂର୍ବ ବର୍ଷରେ ସର୍ବନିମ୍ନ ୧,୫୦,୦୦୦ ଟଙ୍କାର ଖର୍ଚ୍ଚ ଉପରେ ଏହି ଶୁଳ୍କ ଛାଡ଼ କରାଯିବ)	ନିଲ୍	ନିଲ୍
ୱିନିଙ୍ଗସ୍	ନିଲ୍	୮୯୯ ଟଙ୍କା (ପୂର୍ବ ବର୍ଷରେ ସର୍ବନିମ୍ନ ୯୦,୦୦୦ ଟଙ୍କାର ଖର୍ଚ୍ଚ ଉପରେ ଏହି ଶୁଳ୍କ ଛାଡ଼ କରାଯିବ)	ନିଲ୍	ନିଲ୍
ଇମ୍ପେରିଅମ୍	ନିଲ୍	୪୯୯ ଟଙ୍କା (ପୂର୍ବ ବର୍ଷରେ ସର୍ବନିମ୍ନ ୭୫,୦୦୦ ଟଙ୍କାର ଖର୍ଚ୍ଚ ଉପରେ ଏହି ଶୁଳ୍କ ଛାଡ଼ କରାଯିବ)	ନିଲ୍	ନିଲ୍
ଏଲ୍ଆଇସି - ଏକ୍ଲାଟ୍	ନିଲ୍	ନିଲ୍	ନିଲ୍	ନିଲ୍
ଏଲ୍ଆଇସି - ଲୁମିନି	ନିଲ୍	ନିଲ୍	ନିଲ୍	ନିଲ୍

୨) ଆର୍ଥିକ / ସେବା ଶୁଳ୍କ

ଆଇଡିବିଆଇ ବ୍ୟାଙ୍କ କାର୍ଡ ଭାରିଆଂଟ	ରିଭଲଭିଂ କ୍ରେଡିଟ୍ ସୁବିଧା ଉପରେ ସୁଧ		ନଗଦ ଅଗ୍ରୀମ ରାଶି ଉପରେ ସୁଧ	
	ମାସିକ ହାର (ପି.ଏମ.)	ବାର୍ଷିକ ପ୍ରତିଶତ ହାର (ପି.ଏ)	ମାସିକ ହାର (ପି.ଏମ.)	ବାର୍ଷିକ ପ୍ରତିଶତ ହାର (ପି.ଏ)
ଆସ୍ୱାୟାର	୨.୯୦%	୩୪.୮୦%	୨.୯୦%	୩୪.୮୦%
ରୟାଲ	୨.୫୦%	୩୦.୦୦%	୨.୫୦%	୩୦.୦୦%
ୟୁଫୋରିଆ	୨.୯୦%	୩୪.୮୦%	୨.୯୦%	୩୪.୮୦%
ୱିନିଙ୍ଗ୍ସ	୩.୪୦%	୪୦.୮୦%	୩.୪୦%	୪୦.୮୦%
ଇମ୍ପେରିୟମ	୨.୯୦%	୩୪.୮୦%	୨.୯୦%	୩୪.୮୦%

ଏଲଆଇସି-ଏକ୍ଲାଟ ୩.୪୦% ୪୦.୮୦% ୩.୪୦% ୪୦.୮୦%

ଏଲଆଇସି-ଲୁମିନି ୩.୪୦% ୪୦.୮୦% ୩.୪୦% ୪୦.୮୦%

୩) ଅନ୍ୟାନ୍ୟ ଫି’ ଓ ଶୁଳ୍କ

ଫି’ ଓ ଶୁଳ୍କ ପ୍ରକାର ରାଶି

କ୍ୟାଶ ଆଡ୍‌ଭାନ୍ସ ଟ୍ରାଞ୍ଜାକ୍ସନ ଫିଅ ୨.୫%ର ଟ୍ରାଞ୍ଜାକ୍ସନ ଫି’ କିମ୍ବା ୫୦୦ ଟଙ୍କ- ଯେଉଁଟି ଅଧିକ

ବିଳମ୍ବିତ ଦେୟ ଶୁଳ୍କ ବା ଲେଟ ପେମେଂଟ ଚାର୍ଜେସ (ଏଲ୍‌ପିସି) (ପ୍ରତି ଷ୍ଟେଟମେଂଟ ପିଛା, ଷ୍ଟେଟମେଂଟ ବାଲାନ୍ସ ଅନୁଯାୟୀ)ଅଅ

ଓଭର ଲିମିଟ ଫି ଅଅଅ ୨.୫%ର ଓଭର ଲିମିଟ ରାଶି, ଯାହା ସର୍ବନିମ୍ନ ୫୦୦ ଟଙ୍କା ଉପରେ ନିର୍ଭର କରେ ଘସକ୍ଷ

ଚେକ/ ଅଟୋ ଡେବିଟ ରିଟର୍ଣ୍ଣ ଚାର୍ଜ > ୫୦୦ ଟଙ୍କାରୁ ଣ୍ଟ = ୫୦୦୦ ଟଙ୍କା ₹୪୦୦

କ୍ରେଡିଟ କାର୍ଡ ପେମେଂଟ ଦିଗରେ ଆଇଡିବିଆଇ ବ୍ୟାଙ୍କରେ ନଗଦ ଜମା ଶୁଳ୍କ > ୫୦୦୦ ଟଙ୍କାରୁଣ୍ଟ = ୧୦୦୦୦ ଟଙ୍କା ₹୫୦୦

ଡୁପ୍ଲିକେଟ ଷ୍ଟେଟମେଂଟ ଅନୁରୋଧ > ୧୦୦୦୦ ଟଙ୍କାରୁଣ୍ଟ = ୨୦୦୦୦ ଟଙ୍କା ₹୭୫୦

କାର୍ଡ ରିପ୍ଲେସମେଂଟ ଫି’ > ୨୦,୦୦୦ ଟଙ୍କା ₹୯୫୦

ସୁଧର ଇଏମଆଇ ହାର ବାର୍ଷିକ ୧୩% (ଯୋଗ୍ୟ ଅବଧି- ୩,୬,୯,୧୨,୧୮,୨୪,୩୦ ଓ ୩୬ ମାସ)

ଇଏମଆଇ ରୁପାନ୍ତର (କନ୍‌ଭର୍ସନ) ଫି’ ନିଲ୍

ଇଏମଆଇ ବ୍ୟାଜାପ୍ତି (ଫୋର୍‌କ୍ଲୋଜର) ଫି’ ନିଲ୍

ଫରେନ କରେନ୍ସି କନ୍‌ଭର୍ସନ ଚାର୍ଜ ୩.୫%ର ବ୍ୟାଙ୍କ ଚାର୍ଜେସ କ୍ରସ କରେନ୍ସି ମାର୍କଅପ୍

ଇନ୍ଧନ ସର୍‌ଚାର୍ଜ ଛାଡ ଆସ୍ୱାୟାର - ହଁ (ସର୍ବନିମ୍ନ ୪୦୦ ଟଙ୍କା / ସର୍ବାଧିକ ୪୦୦୦ ଟଙ୍କା ପର୍ଯ୍ୟନ୍ତ କାରବାର ମୂଲ୍ୟ ପାଇଁ , ସର୍ବାଧିକ ୩୦୦ ଟଙ୍କା ପ୍ରତି ମାସରେ ଛାଡ଼)

ରୟାଲ - ହଁ (ସର୍ବନିମ୍ନ ୪୦୦ ଟଙ୍କା ପର୍ଯ୍ୟନ୍ତ କାରବାର ମୂଲ୍ୟ ପାଇଁ, ସର୍ବାଧିକ ୫୦୦ ଟଙ୍କା ପ୍ରତି ମାସରେ ସର୍ବାଧିକ ଛାଡ଼)

ୟୁଫୋରିଆ- ହଁ (ସର୍ବନିମ୍ନ ୪୦୦ ଟଙ୍କା ପର୍ଯ୍ୟନ୍ତ କାରବାର ମୂଲ୍ୟ ପାଇଁ, ସର୍ବାଧିକ ୫୦୦ ଟଙ୍କା ପ୍ରତି ମାସରେ ସର୍ବାଧିକ ଛାଡ଼)

ୱିନିଙ୍ଗ୍‌ସ - ହଁ (ସର୍ବନିମ୍ନ ୪୦୦ ଟଙ୍କା, ସର୍ବାଧିକ ୪୦୦ ଟଙ୍କା ପର୍ଯ୍ୟନ୍ତ ଟଙ୍କା, ସର୍ବାଧିକ ₹୪୦୦/- ପ୍ରତି ମାସରେ ଛାଡ଼)

ଇମ୍ପେରିୟମ୍ - ହଁ (ସର୍ବନିମ୍ନ ୪୦୦ ଟଙ୍କା ପର୍ଯ୍ୟନ୍ତ କାରବାର ମୂଲ୍ୟ ପାଇଁ, ସର୍ବାଧିକ ୪୦୦ ଟଙ୍କା ପର୍ଯ୍ୟନ୍ତ, ସର୍ବାଧିକ ୪୦୦ ଟଙ୍କା ପ୍ରତି ମାସରେ ଛାଡ଼)

ଏଲ୍ଆଇସି ଇକ୍ଲାଟ - ହଁ (ସର୍ବନିମ୍ନ ୪୦୦ ଟଙ୍କା ପାଇଁ କାରବାର ମୂଲ୍ୟ ପାଇଁ, ସର୍ବାଧିକ ୫୦୦୦ ଟଙ୍କା ପର୍ଯ୍ୟନ୍ତ, ପ୍ରତି ମାସରେ ୫୦୦ ଟଙ୍କା ପର୍ଯ୍ୟନ୍ତ ସର୍ବାଧିକ ଛାଡ)

ଏଲଆଇସି ଲୁମିନ୍ - ହଁ (ସର୍ବନିମ୍ନ ୪୦୦ ଟଙ୍କା କାରବାର ମୂଲ୍ୟ ପାଇଁ, ସର୍ବାଧିକ ୪୦୦ ଟଙ୍କା ପର୍ଯ୍ୟନ୍ତ, ସର୍ବାଧିକ ୩୦୦ ଟଙ୍କା ପ୍ରତି ମାସରେ ଛାଡ଼)

ରିୱାର୍ଡ ରିଡେମ୍ପସନ ଫି’ ନିଲ୍(ସମସ୍ତ କାର୍ଡ ଭାରିଆଂଟ ପାଇଁ)

କାର୍ଡ ଆକାଉଂଟ ବନ୍ଦ ଶୁଳ୍କ ଆସ୍ପାୟାର-ନିଲ୍, ରୟାଲ-ନିଲ, ୟୁଫୋରିଆ-ନିଲ, ୱିନିଙ୍ଗ୍ସ-ନିଲ,

ଇମ୍ପେରିୟମ- ୯୯୯ ଟଙ୍କା- ଯଦି ଜାରି ହେବାର ଏକ ବର୍ଷ ମଧ୍ୟରେ ବନ୍ଦ ହୁଏ

ଏଲଆଇସି ଇକ୍ଲାଟ- ୯୯୯ ଟଙ୍କା- ଯଦି ଜାରି ହେବାର ଏକ ବର୍ଷ ମଧ୍ୟରେ ବନ୍ଦ ହୁଏ

ଏଲଆଇସି ଲୁମିନି- ୯୯୯ ଟଙ୍କା- ଯଦି ଜାରି ହେବାର ଏକ ବର୍ଷ ମଧ୍ୟରେ ବନ୍ଦ ହୁଏ

ଆଇଆରସିଟିସି ଟିକେଟର କ୍ରୟ କିମ୍ବା କ୍ୟାନ୍ସେଲେଶନ ଉପରେ ଶୁଳ୍କ ଆଇଆରସିଟିସି ଭାରତୀୟ ରେଳବିଭାଗ ଦ୍ୱାରା ନିର୍ଦ୍ଧାରିତ

ବର୍ତମାନ ବ୍ୟାଙ୍କ ଦ୍ୱାରା ବାଲାନ୍ସ ଟ୍ରାନ୍ସଫର ସୁବିଧା ପ୍ରଦାନ କରାଯାଉନାହିଁ।

ଅଧିକ ବିବରଣୀ ପାଇଁ ଦୟାକରି ଆମର ୱେବସାଇଟ ଙଙଙ.ସୟଭସଭବଭଳ.ସଭରେ ଭିଜିଟ କରନ୍ତୁ।

ଧ୍ୟାନ ଦିଅନ୍ତୁ: ସମସ୍ତ ଫି ଓ ଶୁଳ୍କଗୁଡିକ ପ୍ରଯୁଜ୍ୟ ଦ୍ରବ୍ୟ ଓ ସାମଗ୍ରୀ କର ବ୍ୟତୀତ।

କ୍ରେଡିଟ କାର୍ଡ କଷ୍ଟମର କେୟାର ନମ୍ବର: ୧୮୦୦-୨୦୯-୪୩୨୪/ ୧୮୦୦-୨୨-୧୦୭୦ (ଟୋଲଫ୍ରି), ୦୨୨ ୬୭୬୨୧୯୦୦

(ଅଣ-ଟୋଲଫ୍ରି) ୱେବସାଇଟ: ଙ୍ଗଙ୍ଗଙ୍ଗ.ସୟଭସଭବଭଳ.ସଭ / ଇମେଲ ଠିକଣା:
ମଙ୍କଗ୍ୱଗ୍ୱକ୍ଟଞ୍ଜରକ୍ସ୍ୱମବକ୍ସ୍ୱରଅସୟଭସ.ମକ୍ଟ.ସଭ

ସିଆଇଏନ- ଏଲ୬୫୧୯୦ଏମଏଚ୨୦୦୪ଜିଓଆଇ୧୪୮୮୩୮